Weekly Multilingual

ଭଏସ୍ ଅଫ୍ ଭିକ୍ଟିମ୍ସ

Voice of Victims

RNI Regd. No. :ODIMUL/2023/89182 Rs - 5.00

ଭାଗ:୨, ସଂଖ୍ୟା: ୧୮, ଭୁବନେଶ୍ୱର, ମାର୍ଚ୍ଚ ୧୭- ୨୩, ୨୦୨୫, Vol: 2, Issue: 18, Bhubaneswar, March 17-23, 2025 Pages- 8

# ଆସ କୋଶଳ ଖୋଜିଯିବା

## କୋଶଳ ଏକ ରାଜନୈତିକ ବିତଣ୍ଡା: ଏହାର ଭାଷା ସାହିତ୍ୟ ସହିତ ସମ୍ପର୍କ ନାହିଁ

ଡକ୍ଟର ସନ୍ତୋଷ କୁମାର ମହାପାତ୍ର

ରାମାୟଣ କାଳରେ ଉତ୍ତର କୋଶଳର ଅଧିପତି ଥିଲେ ଦଶରଥ ଏବଂ ଦକ୍ଷିଣ କୋଶଳର ରାଜା ଥିଲେ ଭାନୁମାନ୍। ଏହି ଭାନୁମାନଙ୍କର ଝିଅ କୌଶଲ୍ୟାଙ୍କୁ ବିବାହ କରି ଉଭୟ କୋଶଳକୁ ଦଶରଥ ଶାସନ କରୁଥିଲେ। ଭାନୁମାନଙ୍କର ଏକମାତ୍ର କନ୍ୟା ଥିଲେ କୌଶଲ୍ୟା ତଥା ତାଙ୍କର ଅନ୍ୟ କେହି ଭାଇ ଓ ଭଉଣୀ ନଥିଲେ। ଦଶରଥଙ୍କ ପରେ ରାମ ହେଲେ ଉଭୟ କୋଶଳର ଅଧିପତି। ତାଙ୍କ ପରେ ଉତ୍ତର କୋଶଳରେ ଲବ ଓ ଦକ୍ଷିଣ କୋଶଳରେ କୁଶ ଅଭିଷିକ୍ତ ହେଲେ। ଲବଙ୍କର ରାଜଧାନୀ ଥିଲା ଶ୍ରୀବାସ୍ତୀ ତଥା କୁଶଙ୍କ ରାଜଧାନୀ କୁଶାବତୀ ନାଁରେ ପ୍ରସିଦ୍ଧ ଥିଲା। କେତେକ ଏହି କୁଶାବତୀକୁ ସୁଲତାନପୁର, ଆଉ କେତେକ କୁଶୀନଗର ବୋଲି ସ୍ଥିର କରିଛନ୍ତି। ଏହା କିନ୍ତୁ ଦାକ୍ଷିଣାତ୍ୟ କିମ୍ବା ଛତିଶଗଡ଼ ବା ଓଡ଼ିଶାରେ ଅବସ୍ଥିତ ନଥିଲା। ଗୋଟିଏ କୁଶାବତୀ କର୍ଣ୍ଣାଟକରେ, ଆଉ ଗୋଟିଏ କୁଶାବତୀ ଗୋଆ ରାଜ୍ୟରେ ବି ଅଛି। କେହି କେହି ବିଳାସପୁରରେ ଆଗେ କୁଶାବତୀ ନଗର ଥିବା ମତ ଦିଅନ୍ତି।

ରାମାୟଣରେ ସୀତାଙ୍କୁ ଖୋଜିବାକୁ ଯିବା ସମୟରେ କୌଣସି ଦାକ୍ଷିଣାତ୍ୟ କୋଶଳର ବର୍ଣ୍ଣନା ନାହିଁ। ନଳ, ଦମୟନ୍ତୀଙ୍କ ସମୟରେ କୋଶଳ ପ୍ରଦେଶ ଅଯୋଧ୍ୟାକୁ ବୁଝାଉଥିଲା ଏବଂ ନଳ ଏହି ରାମାୟଣ ବର୍ଣ୍ଣିତ କୋଶଳର ରାଜଧାନୀ ଅଯୋଧ୍ୟାରେ ସାରଥୀ କର୍ମ କରୁଥିଲେ। ମହାଭାରତ ସମୟକୁ ଜରାସନ୍ଧ ଭୟରେ କୋଶଳର କିଛି ଲୋକ ଦକ୍ଷିଣକୁ ଆସି ବିଦର୍ଭ ପାଖରେ ଦାକ୍ଷିଣାତ୍ୟ କୋଶଳ ବା ଦକ୍ଷିଣ କୋଶଳ ବସାଇଥିଲେ। ଏହି କୋଶଳ ଏକ ଅଳ୍ପଖ୍ୟାତ ରାଜ୍ୟ ଥିଲା ଏବଂ ଏହାର ରାଜାମାନଙ୍କର ଇତିହାସରେ କୌଣସି ଗୁରୁତ୍ୱ ନାହିଁ। ମହାଭାରତ ସମୟକୁ ଉତ୍ତରାପଥର ଦକ୍ଷିଣ କୋଶଳରେ ବୃହଦ୍‌ବଳ ଓ ଉତ୍ତର କୋଶଳରେ ଦୀର୍ଘଯଜ୍ଞ ଶାସନ କରୁଥିଲେ। ଦାକ୍ଷିଣାତ୍ୟର ବିଦର୍ଭ ପାଖରେ ଥିବା କୋଶଳର କୌଣସି ରାଜାଙ୍କ ନାଁ ଦିଆଯାଇନାହିଁ। ଏହି କୋଶଳ ମୁଖ୍ୟତଃ ଚନ୍ଦା ସହରରେ ଥିଲା ଏବଂ ନାଗପୁର ପାଖରେ ଥିଲା। ଏହା କଦାପି ଛତିଶଗଡ଼ ବା ଓଡ଼ିଶାର ସମ୍ବଲପୁର ଅଞ୍ଚଳ ନଥିଲା। କାରଣ ପାଣିନି




ଟିଟିଲାଗଡ଼ ବା ତୈତିଲିକ ଜନପଦକୁ ଓଡ଼ିଶାର ପଶ୍ଚିମ ଭାଗ ବୋଲି ବର୍ଣ୍ଣନା କରିଛନ୍ତି। ଅନୁରୂପ ଭାବେ ସମସ୍ତ ପୁରାଣ ଅମରକଣ୍ଟକକୁ ଓଡ଼ିଶାର ସୀମା ବୋଲି ବର୍ଣ୍ଣନା କରିଛନ୍ତି। ତେଣୁ ମହୋଦଧିଠାରୁ ଅମରକଣ୍ଟକ ପର୍ଯ୍ୟନ୍ତ ଭୂମି କଳିଙ୍ଗ ଅନ୍ତର୍ଭୁକ୍ତ ଥିଲା। ଏହାପରେ ବୌଦ୍ଧଯୁଗରେ ଅଶୋକ କଳିଙ୍ଗ ଜିତିଥିଲେ। ସେ ମଧ୍ୟ କୌଣସି କୋଶଳର ନାମୋଲ୍ଲେଖ କରିନାହାଁନ୍ତି। ଗ୍ରୀସ୍ ଭ୍ରମଣକାରୀ ଟଲେମୀ ମଧ୍ୟ ଓଡ଼ିଶାର ପଶ୍ଚିମାଞ୍ଚଳକୁ ସମ୍ବଳକ କହିଛନ୍ତି। ନନ୍ଦ ବଂଶ ଓ ମୌର୍ଯ୍ୟ ବଂଶ ପରେ କଳିଙ୍ଗ ସିଂହାସନରେ ଖାରବେଳ ବସିଲେ। ସେ କୋଶଳର ନାମୋଲ୍ଲେଖ କରିନାହାଁନ୍ତି ବରଂ ତାଙ୍କ ପୂର୍ବପୁରୁଷ ଏହି ଅଞ୍ଚଳରେ ଅଠରଗଡ଼ ବସାଇ ବିଦ୍ୟାଧର ରାଜ୍ୟ ବୋଲି ନାମିତ କରିଥିବା ତାଙ୍କ ହାତୀଗୁମ୍ଫା ଶିଳାଲେଖରୁ ଜଣାପଡ଼େ। ଶରଭପୁରିଆ, ମେକଳ ପାଣ୍ଡୁବଂଶୀ କିମ୍ବା କୋଶଳ ପାଣ୍ଡୁବଂଶୀ ଏହି ଅଞ୍ଚଳକୁ କୋଶଳ ବୋଲି ଲେଖିନାହାଁନ୍ତି। ସମୁଦ୍ରଗୁପ୍ତଙ୍କ ଦିଗବିଜୟରେ କୋଶଳ ରାଜ୍ୟ ମଧ୍ୟ ବିଦର୍ଭ ଅଞ୍ଚଳରେ ଅବସ୍ଥିତ ଥିଲା। ତିବର ଦେବ ଓ ନନ୍ନରାଜଙ୍କ ତାମ୍ରଲେଖରେ କୋଶଳ ଅଞ୍ଚଳର ସ୍ଥିତି ଜଣାପଡ଼େ। କିନ୍ତୁ ତାହା ମଧ୍ୟ ବିଦର୍ଭ ପ୍ରାନ୍ତରେ ଥିଲା। ଇନ୍ଦ୍ରଭୂତି ନିଜକୁ ଉଡ଼ିୟାନ୍ ସମ୍ବଳକର ବୋଲି କହିଛନ୍ତି। ସୋମବଂଶୀମାନେ ପ୍ରଥମେ ବଲାଙ୍ଗୀର ଓ ବରଗଡ଼ ତହସିଲ୍‌ର କିଞ୍ଚିତ୍ ଅଂଶକୁ କୋଶଳ ନାମରେ ନାମିତ କରିଥିଲେ। ପରେ ଏହା ଉତ୍କଳରେ ସମାହିତ ହେଲା। ଗଙ୍ଗବଂଶୀ ଓ ସୂର୍ଯ୍ୟବଂଶୀ ସମୟକୁ ସମଗ୍ର ଓଡ଼ିଶା ଏକ ହୋଇସାରିଥିଲା। ଏହା ପରେ ସାମରିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ପାଟଣାରେ ଗଜପତିଙ୍କ ଜାମାତା ରାମଦେବ ବା ରମେଇଦେବ ଅଧିଷ୍ଠିତ ହେଲେ। ଗଙ୍ଗବଂଶ ପ୍ରତି ଅନୁରକ୍ତ ଥିବା ବୈଜଳଦେବଙ୍କୁ ହଟାଇ କପିଳେନ୍ଦ୍ର ଦେବ ଚୌହାନ ବଂଶୀୟ ଭୋଜରାଜ ଦେବଙ୍କୁ ଅଧିଷ୍ଠିତ କଲେ। ଏହାଙ୍କ ସମୟଠାରୁ ପାଟଣା ରାଜବଂଶ ଓ ସମ୍ବଲପୁର ରାଜବଂଶ ଚୌହାନ ରାଜବଂଶୀୟ ବୋଲି ଘୋଷଣା କରି ଆସିଛନ୍ତି। ପ୍ରଥମ ବୈଜଳଦେବ ଓ ଦ୍ୱିତୀୟ ବୈଜଳ ଦେବ ନିଜ ନିଜକୁ ପାଟଣାଧିନାଥ ରୂପରେ ସମ୍ବୋଧନ କରିଛନ୍ତି। ରାଜା ପ୍ରଜା କେହି କୋଶଳ ଶବ୍ଦ ବ୍ୟବହାର କରିନାହାଁନ୍ତି। ଛତ୍ରସାଏଙ୍କ ଦରବାରୀ ଗୋପୀନାଥ ଷଡ଼ଙ୍ଗୀ ସ୍ୱଷ୍ଟ ଭାଷାରେ ଚିକିତ୍ସାମଞ୍ଜରୀରେ ଲେଖିଛନ୍ତି:

‘ଉତ୍କଳ ଦେଶେ ମହାନଦୀ ତୀରେ।
ସମ୍ବଲପୁର ଅଭିଧା ଗ୍ରାମରେ।
ଯହିଁ ଅଛନ୍ତି ଦେବୀ ସମଲାଇ।
ସକଳ ତୀର୍ଥ ସେବା କଲେ ପାଇ।
ଶ୍ରୀ ଛତ୍ରସାହୀ ଯହିଁରେ ରାଜନ।
କ୍ଷତ୍ରୀୟ କୁଳ କମଳ ତପନ‘

ତା’ସହିତ ସେ ଓଡ଼ିଆ ଭାଷାକୁ ସ୍ୱଦେଶ ଭାଷା ବୋଲି ମଧ୍ୟ ଲେଖିଛନ୍ତି । ତାଙ୍କ ଚିକିତ୍ସା ମଞ୍ଜରୀ ୧୦ମ ସ୍ତବକରେ ଅଛି:

“ଏବେ ଦଶମ ସ୍ତବକରେ ପୁଣ।
କହଇ ଶୁଣ ତଇଳ ବିଧାନ।
ସଂକ୍ଷେପ କରି ସ୍ୱଦେଶ ଭାଷାରେ।
ସମଲେଶ୍ୱରୀ ଚରଣକୃପାରେ।”

ଚୈତନ୍ୟ ଦାସ ନିର୍ଗୁଣ ମାହାତ୍ମ୍ୟରେ ମଧ୍ୟ ବଲାଙ୍ଗୀରକୁ କାଉଁରୀପାଟଣ ରାଜ୍ୟ ବୋଲି ଲେଖିଛନ୍ତି। ଦରବାରରୁ କିଛି ମିଳିବ, ଏହି ଆଶାରେ ଗଙ୍ଗାଧର ମିଶ୍ର ପୁରୀ ଅଞ୍ଚଳରୁ ଯାଇ ସମ୍ବଲପୁର ରାଜା ବଳିଆର ସିଂହଙ୍କୁ କୋଶଳାନନ୍ଦ ନାମରେ ଏକ କାବ୍ୟ ଭେଟି ଦେଇଥିଲେ। ଏଥିରେ ପାଟଣା ରାଜ୍ୟକୁ କୋଶଳ ବୋଲି ଲେଖାଯାଇଛି କିନ୍ତୁ ଏହାର ଅତିରିକ୍ତ ସର୍ଗ ଲେଖିବା ଗଙ୍ଗାଧର ଗୁରୁ ଏହାକୁ ସଂପୂର୍ଣ୍ଣ ସର୍ଗରେ କେବଳ ପାଟଣା ରାଜ୍ୟ ବୋଲି ବର୍ଣ୍ଣନା କରିଛନ୍ତି। ତେଣୁ ଏ ଦରବାରୀ କାବ୍ୟ କୋଶଳାନନ୍ଦ ପଡ଼ି ରହିଲା ଅପାଂକ୍ତେୟ ହୋଇ। ଏହାପରେ ସମ୍ବଲପୁରରେ ଓଡ଼ିଆ ଭାଷା ଆନ୍ଦୋଳନ ହୋଇ ସମ୍ବଲପୁର ୧୯୦୫ ମସିହା ଅକ୍ଟୋବର ୧୬ରେ ଓଡ଼ିଶାରେ ମିଶିଗଲା। ଏହି ସମୟରେ ପ୍ରଜାମଣ୍ଡଳ ଆନ୍ଦୋଳନ ଚାଲିଥାଏ। ଅନ୍ୟ ଦିଗରେ ରାଜନ୍ୟ ବର୍ଗଙ୍କ ମଧ୍ୟରେ ପ୍ରତିଯୋଗିତା ଚାଲିଥାଏ ରାଜା, ମହାରାଜା, ରାୟବାହାଦୁର ଇତ୍ୟାଦି ପାଇଁ। ତେଣୁ ନିଜ ବଂଶର କୀର୍ତ୍ତି ବଢ଼ାଇବା କଥା ସର୍ବତ୍ର ଚାଲିଥାଏ। ସୋନପୁର ଦରବାର ପକ୍ଷରୁ କୋଶଳାନନ୍ଦ ପ୍ରକାଶ ପାଇଲା। ପାଟଣା ତରଫରୁ କୋଶଳ ଇତିହାସ ଓ କୋଶଳାନନ୍ଦ ଲେଖାଗଲା। ପାଟଣା, ସମ୍ବଲପୁର, ସୋନପୁର ଗୋଟିଏ ବଂଶଲତା। ତା ହେଲେ ଏ ସବୁ କରିବାର କାରଣ କଣ ଥିଲା ? ଏ ସବୁ ଥିଲା ରାଜନୀତିର ଅଂଶବିଶେଷ। କୋଶଳ ଇତିହାସକୁ ପାଟଣାର ମହାରାଜା ଶ୍ରୀଯୁକ୍ତ ରାଜେନ୍ଦ୍ର ନାରାୟଣ ସିଂହଦେଓ ଗ୍ରହଣ କଲେନାହିଁ। ସେ ସମଗ୍ର ଓଡ଼ିଶାପାଇଁ ଜୀବନ ଦେଇଗଲେ। କୋଣାର୍କର ଘୋଡ଼ାକୁ ଓଡ଼ିଶାର ପ୍ରତୀକ କରିଗଲେ। ଭାଷାକୋଷ ତଥା କଳିଙ୍ଗ ଗେବଷଣା ସମିତି ପ୍ରତିଷ୍ଠା କରି ନୂଆ ଓଡ଼ିଶାର ଗଠନରେ ପୁରୋଧା ସାଜିଲେ। ହେଲେ ଆଜି ପୁଣି ଥରେ ସେଇ ରାଜନୈତିକ ବିତଣ୍ଡା, ଯାହାର ଭାଷାସାହିତ୍ୟ ସହ କୌଣସି ସଂପର୍କ ନାହିଁ। କୋଶଳ ଚିନ୍ତନର ସଠିକ୍ ମୂଲ୍ୟାୟନ ହେଉ। ଇତିହାସକୁ ନିଜର ସ୍ୱାର୍ଥପାଇଁ ଭୁଲଭାବେ ଉପସ୍ଥାପିତ କରା ନ ଯାଉ। ପୂର୍ବପୁରୁଷଙ୍କ କଷ୍ଟଅର୍ଜିତ ଏ ଭୂମି ଆଉଥରେ ବିଖଣ୍ଡିତ ନହେଉ, ଏହାହିଁ ହେଉ ପ୍ରତ୍ୟେକ ଉତ୍ତର ପୁରୁଷର ଚିନ୍ତନର ବିଷୟ।

**ବି.ଦ୍ର:** ଲେଖକ ଡକ୍ଟର ସନ୍ତୋଷ କୁମାର ମହାପାତ୍ରଙ୍କ ଆସ କୋଶଳ ଖୋଜିଯିବା ପୁସ୍ତକର ଉପସଂହାରରୁ ଏ ସମ୍ପୂର୍ଣ୍ଣ ଲେଖାଟି ସଂଗୃହିତ।

**ସମ୍ପାଦକ**

FOR EXCLUSIVE WEDDING CARDS

ବନ୍ଧନ ସୁ-ସମ୍ପର୍କ ଗଢେ

ବାହାଘର, ବ୍ରତଘର କିମ୍ବା କୌଣସି ଉତ୍ସବର ସମ୍ଭାର
ନିମନ୍ତ୍ରଣ ପତ୍ର ପାଇଁ ଅଛି ଆମ ବନ୍ଧନ ପରିବାର

Bandhan ® ସୁ-ସମ୍ପର୍କ ଗଢେ

WE HAVE NO BRANCH


8260685257 www.bandhancards.com 0674-2310196

# EXCESSIVE USE OF MOBILE PHONE AND ITS FALLACIOUS FALLOUTS

**Ranjit Pattnaik**
Chief Reporter
Mob - 9439505215

Mobile phones have definitely become an inevitable part of every person's life. Starting from the morning alarm to night conferences, officials calls to evening gossips, surfing buzzing news to social platforms and through many more , Mobile phones have gradually but surely engulfed the entire living curriculum of today's life. Today spending one minute without a mobile phone makes us feel incomplete and suffocated with a fear of missing something. People especially teenagers often spend a huge amount of time in mobile phones. Such an over intervention of an electronic equipment have definitely degraded our living style with sufficient health anomalies.

The first and most dangerous effect of mobile phones on our body is the radiation exposure. Mobile phones emit electromagnetic radiation, which can percept into the human body



and affect our nervous system. This radiation can also cause damage to brain cells. Several Researches have also shown that the excessive use of mobile phones is causing cognitive disorders including memory depreciation and poor mental tasking ability. Using phone during night in dark or low light drags our eyes into the arena of blue light thereby reducing the age of our eyes and drastically affecting our natural sleep cycle. Peeking through the small screen of mobile phones for a long period can cause eye strain & dry eyes. This can also lead to headaches & other vision problems. The constant need to check the phone and stay connected can lead to addictive behavior. Addiction to mobile phones also has a negative impact on mental health, relationships, and academic performance. Directly or indirectly it has been found that use of mobile phones while driving is the major cause of road accidents. Distraction caused by mobile phones can impair judgment and reaction time, which lead to accidents. Children who spend a lot of time on their phones often find themselves difficult to interact with others and develop the right blend of social skills.

Though completely annihilating the use of mobile is almost impossible in today's world, but practicing a right way to reduce its harmful effects is still available. Mobile phones should be used in time fragments other than long extended and continued hours. They should be strictly avoided 1 hour before sleep. Long calls should not be entertained unless until necessary. Physical activities and social hangouts should be emphasized more, over phone gossips and social Medias. Mobile phones should be held at a safe distance from eyes and must be used in proper light to reduce exposure to blue rays and electromagnetic radiation. People should remain away of their phone for a certain hours in a day to combat its addiction and feeling of incompleteness and missing out.

# ସୁଇଫ୍ଟ (ବତାସି ପକ୍ଷୀ)

**ଜୀବଜଗତ**



**କାର୍ତ୍ତିକ ଚନ୍ଦ୍ର ପଣ୍ଡା**

ଦେଖିବାକୁ ଗାଢ଼ ଖଇରିଆ ଓ କଳାରଙ୍ଗର ବତାସି ଚଢ଼େଇ, ପକ୍ଷୀ-ଜଗତର ବିସ୍ମୟ । ଏରୋଡାଇନାମିକ ଆକୃତିର ଏହି ମଧ୍ୟମ ଧରଣର ପକ୍ଷୀଟି ଅନବରତ ଆକାଶ



ରେ,ଦଶମାସ ଧରି ଉଡୁଥାଏ । ଏଭଳି ଅଦ୍ଭୁତ କ୍ଷମତା ଆଉ ଅନ୍ୟ କୌଣସି ପକ୍ଷୀ ପାଖରେ ନଥାଏ । ଖାଇବା, ପିଇବା, ଗାଧୋଇବା, ଏପରିକି ମିଳନ ପ୍ରକ୍ରିୟା ମଧ୍ୟ , ଖୋଲା ଆକାଶରେ ଉଡୁଥିବା ଅବସ୍ଥାରେ ସମାପନ ହୋଇଥାଏ । କେବଳ ଅଣ୍ଡାଦାନ ଓ ଶାବକକୁ ଉଡାଣକ୍ଷମ କରିବା ପାଇଁ ଏମାନେ କେତେ ମାସ ପାଇଁ ତଳକୁ ଆସନ୍ତି ।

Apodidae ପରିବାରର ସଦସ୍ୟ ସୁଇଫ୍ଟ ପକ୍ଷୀର ପାଖାପାଖି ୧୦୦ ପ୍ରଜାତି ରହିଛି । ପ୍ରଜାତିଭେଦରେ ଏମାନଙ୍କ ଶାରୀରିକ ଗଠନ ଓ ଜୀବନକାଳ ଭିନ୍ନ ଭିନ୍ନ ହୋଇଥାଏ । ଏମାନଙ୍କ ପରମାୟୁ ପାଖାପାଖି ୨୦ ବର୍ଷ । ଅଦ୍ଭୁତ ଉଡାଣ କ୍ଷମତା ଥିବା ଏହି ପକ୍ଷୀଟି, ସିଙ୍ଗିଲ ଫ୍ଲାଇଟରେ ଦୁଇ ଲକ୍ଷ କିଲୋମିଟର ଅତିକ୍ରମ କରିଥାଏ । ସମଗ୍ର ଜୀବନକାଳ ଭିତରେ ସୁଇଫ୍ଟ ପ୍ରାୟ ୩୦ ଲକ୍ଷ କିଲୋମିଟର ଉଡ଼ିଥାଏ । ୧୮୭୦୦ ଫୁଟ ଉଚ୍ଚତାରେ ଉଡୁଥିବା ଏହି ପକ୍ଷୀଟିର,ଘଣ୍ଟା ପ୍ରତି ବେଗ ୧୧୦ ରୁ ୧୭୦ କିଲୋମିଟର।

ସୁଇଫ୍ଟ ପକ୍ଷୀ,ଏସିଆ, ୟୁରୋପ, ନର୍ଥ ଆମେରିକା ଓ ଆଫ୍ରିକା ମହାଦେଶରେ ଦୃଶ୍ୟମାନ ହୁଅନ୍ତି । ଆମ ଦେଶରେ କେବଳ ଗୋଟିଏ ପ୍ରଜାତି (କମନ ସୁଇଫ୍ଟ) ବହୁଳ ପରିମାଣରେ ଦେଖା ଯାଆନ୍ତି। ଏମାନଙ୍କର ମୁଣ୍ଡଠାରୁ ଲାଞ୍ଜ ପର୍ଯ୍ୟନ୍ତ ଲମ୍ବ ୬-୭ ଇଞ୍ଚ ହୋଇଥିଲା ବେଳେ ଡେଣା ୧୫ ଇଞ୍ଚ ପର୍ଯ୍ୟନ୍ତ ଲମ୍ବିଥାଏ । ଏମାନଙ୍କ ଗୋଡ ଅତ୍ୟନ୍ତ କ୍ଷୁଦ୍ର ଓ ପାଦ ନାମକୁ ମାତ୍ର। ସମ୍ଭବତଃ ଆକାଶକୁ ନିଜର ଘର କରିଥିବା ଏହି କ୍ଷୁଦ୍ର ପକ୍ଷୀଟିର, ଗୋଡର ଆବଶ୍ୟକତା କିଛି ନାହିଁ । ତେବେ ଆବଶ୍ୟକ ହେଲେ ଏହା ବାଲୁକାସ୍ତୁପ ଉପରେ ଧୀର ଉଡାଣ ଭରି crash landing କରନ୍ତି । Apodidae ଶବ୍ଦଟି ଗ୍ରୀକ ଶବ୍ଦରୁ ଆନିତ। ଏହାର ଅର୍ଥ ପାଦ ନଥିବା ଜୀବ।

ଉଡୁଥିବା ଅବସ୍ଥାରେ ସୁଇଫ୍ଟ ତାର ଥଣ୍ଟକୁ ପ୍ରାୟ ମେଲା ରଖିଥାଏ । ଶହଶହ କୀଟପତଙ୍ଗ ଯଥା-ମଶା, ମାଛି, ଓ ଅନ୍ୟ କୀଟମାନଙ୍କୁ ଖୋଲା ଆକାଶରେ ଉଦରସ୍ଥ କରେ । ଏହାର ଖାଦ୍ୟାଭାବ ପ୍ରାୟ ନଥାଏ । ଉଡ୍ଡୀୟମାନ ଅବସ୍ଥାରେ ଜଳଭାଗକୁ ଆସି ପାଣି ପିଇସାରିବା ପରେ ପୁନଶ୍ଚ ଉପରକୁ ଉଠିଯାଏ । ବର୍ଷାଜଳରେ ସ୍ନାନ ସମାପନ ହୁଏ । ୩୬୦ ଡିଗ୍ରୀ ଦିଗ ପର୍ଯ୍ୟନ୍ତ କ୍ଷୀପ୍ର ଉଡାଣ ଦକ୍ଷତା ଥିବାରୁ ଏମାନେ ସମସ୍ତ ଶିକାରୀ ପକ୍ଷୀଙ୍କୁ ଚକମା ଦେବାରେ ସିଦ୍ଧହସ୍ତ । ସକାଳ ଓ ସନ୍ଧ୍ୟା ସମୟରେ ସୁଇଫ୍ଟ ବେଶ ସକ୍ରିୟ ଥାଏ । ଦଳଦଳ ହୋଇ ଖୁବ୍ କମ୍ ଉଚ୍ଚତାରେ କିଚିରି ମିଚିରି ଶବ୍ଦ କରି, ଏମାନଙ୍କୁ ଉଡୁଥିବାର ଦେଖିବାକୁ ମିଳେ। ରାତି ହେଲେ ଏମାନେ ପ୍ରାୟ ୨୦୦୦ ଫୁଟ ଉପରକୁ ଉଠିଯାଆନ୍ତି ଓ ଆରାମରେ ଶୋଇଯାଆନ୍ତି। ଦଳବଦ୍ଧ ଆକାରରେ ଉଡୁଥିଲେ ମଧ୍ୟ ସହଜାତ ଗୁଣସୂତ୍ର ଆଧାରରେ କେହି କାହା ସହିତ ଧକ୍କା ହୁଅନ୍ତି ନାହିଁ ।

ଉଚ୍ଚ ଅଟ୍ଟାଳିକା, ବୃକ୍ଷ ଆଦିରେ ଏମାନେ ବସା ବାନ୍ଧନ୍ତି । ବସା ଉପକରଣକୁ ମଧ୍ୟ ଉଡୁଥିବା ଅବସ୍ଥାରେ ଏମାନେ ଆକାଶରୁ ସଂଗ୍ରହ କରନ୍ତି । ୨ଟିରୁ ୩ଟି ଅଣ୍ଡା ଫୁଟିବା ପାଇଁ ୮ ସପ୍ତାହ ଲାଗେ । ଶାବକ ୧୨-୧୬ ସପ୍ତାହ ହୋଇଗଲେ ଉଡାଣକ୍ଷମ ହୁଅନ୍ତି ଓ ଆକାଶକୁ ଉଠି ଯାଆନ୍ତି । ଥରେ ଉଡିଗଲେ ପିତାମାତାଙ୍କ ପାଖକୁ ଆଉ ଫେରନ୍ତି ନାହିଁ।


୧୯୫୦ ମସିହାରୁ ସୁଇଫ୍ଟ ପକ୍ଷୀ ବିଷୟରେ ପ୍ରାଣୀ-ବିଜ୍ଞାନୀ ମାନେ ଗବେଷଣା ଜାରି ରଖିଛନ୍ତି ତେବେ ନିରବଚ୍ଛିନ୍ନ ଭାବେ ୧୦ ମାସ ଧରି ଆକାଶରେ ଉଡିବା ତଥ୍ୟ ୨୦୧୬ ମସିହାରେ ଜଣାପଡ଼ିଲା ।

ଭୁବନେଶ୍ୱର
ମୋବାଇଲ୍ - ୭୯୭୮୪୨୦୪୯୩

ଆପଣଙ୍କ ଅଭିଯୋଗ, ସମସ୍ୟା, ମତାମତ କୁ ପ୍ରମାଣ ସହ ପଠାନ୍ତୁ। ବିଶେଷ ପୃଷ୍ଠା ନିମନ୍ତେ ଆର୍ଟିକଲ(ଆଲେଖ୍ୟ) ବି ପଠାଇ ପାରିବେ।

ମୋବାଇଲ (ହ୍ୱାଟ୍ସଆପ) : ୬୩୭୧୪୧୭୩୬୧
ଇମେଲ: voiceofvictimsnews@gmail.com
ମୁଖ୍ୟ ସମ୍ପାଦକ: କୈଳାସ ଚନ୍ଦ୍ର ଶତପଥୀ
ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ

# ଲାଲ୍ କଦଳୀ ଶରୀରର ଇମ୍ୟୁନିଟି ବଢାଏ



ଦେଶୀ ବଜାରରେ ଏବେ ଲାଲ୍ ରଙ୍ଗର କଦଳୀ ବିକ୍ରି ଜୋର ଧରିଛି । ଏହି କଦଳୀ ମହାରାଷ୍ଟ୍ର ସ୍ଥିତ ଜଳଗାଓଁ, ସୋଲାପୁରରେ ଚାଷ କରାଯାଉଛି । ଏହି କଦଳୀର ଦାମ୍ ଅନ୍ୟ କଦଳୀ ଠାରୁ ମହଙ୍ଗା ରହିଛି । ଏହାର ମୂଲ୍ୟ ୧୫୦ ଟଙ୍କାରୁ ୨୦୦ ଟଙ୍କା ମଧ୍ୟରେ ରହିଛି । ଏହି କଦଳୀ ନିୟମିତ ଖାଇବା ଦ୍ୱାରା କେବଳ ଶକ୍ତି ବୃଦ୍ଧି ହୁଏ ନାହିଁ ବରଂ ଏହା ଶରୀର ରୋଗପ୍ରତିରୋଧକ ଶକ୍ତି ବଢ଼ିଥାଏ । ରୋଗ ପ୍ରତିରୋଧକ ଶକ୍ତିକୁ ମଜବୁତ କରେ ଲାଲ୍ କଦଳୀରେ ଭିଟାମିନ୍ ସି ଏବଂ ଭିଟାମିନ ବି୬ ପ୍ରଚୁର ପରିମାଣର ରହିଛି । ଏହା ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ମଜବୁତ କରିବା ସହ ବିଭିନ୍ନ ରୋଗର ମୁକାବିଲା ପାଇଁ ସାହାଯ୍ୟ କରିଥାଏ । ହାଡ଼କୁ ଶକ୍ତିଶାଳୀ କରିଥାଏ । ଏହାକୁ ନିୟମିତ ଖାଇବା ଦ୍ୱାରା ହାର୍ଟ ଆଟାକ, କ୍ୟାନସର ଭଳି ରୋଗରୁ ମୁକ୍ତି ମିଳିଥାଏ । ଏହା ହାଡ଼କୁ ଶକ୍ତ କରିବା ସହ ରକ୍ତଚାପକୁ ନିୟନ୍ତ୍ରଣ କରିଥାଏ । ଓଜନ ନିୟନ୍ତ୍ରଣ – ଲାଲ୍ କଦଳୀକୁ ନିୟମିତ ଖାଇବା ଦ୍ୱାରା ଲୋକଙ୍କୁ ଦୁଇ ପ୍ରକାର ଫାଇଦା ମିଳିଥାଏ । ଏହା କେବଳ ଓଜନ ବୃଦ୍ଧିରେ ନୁହେଁ ବରଂ ଓଜନ ହ୍ରାସ କରିବାରେ ମଧ୍ୟ ସହାୟକ ହୋଇଥାଏ । ଏହାକୁ ଖାଇବା ଦ୍ୱାରା ମଧ୍ୟ ପେଟରେ ଚର୍ବି ହୋଇନଥାଏ ।

## ଏପ୍ରିଲ ପହିଲାରୁ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା-ଗୋପବନ୍ଧୁ ଜନ ଆରୋଗ୍ୟ ସଂଯୁକ୍ତ ଯୋଜନାର ଶୁଭାରମ୍ଭ

# ୭୦ବର୍ଷରୁ ଅଧିକ ସମସ୍ତେ ପାଇବେ ଚିକିତ୍ସା ସୁବିଧା

ଭୁବନେଶ୍ୱର (ଭିଓଭି): ରାଜ୍ୟରେ କାର୍ଯ୍ୟକାରୀ ହେବ ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା। ଆସନ୍ତା ଏପ୍ରିଲ ପହିଲା ଦିନ ସାରା ରାଜ୍ୟରେ ଏହି ଯୋଜନାର ଶୁଭାରମ୍ଭ ହେବ । ଏହା ସହିତ ଆୟୁଷ୍ମାନ ବୟୋବନ୍ଦନା ଯୋଜନାର ମଧ୍ୟ ସେହିଦିନ ଶୁଭାରମ୍ଭ ହେବ । ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ଯୋଜନାର ଶୁଭାରମ୍ଭ ପାଇଁ ରାଜ୍ୟର ସମସ୍ତ ୧୪୩୮ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଯୋଜନାର ପ୍ରଚାର ଓ ପ୍ରସାର ପାଇଁ ବ୍ୟାପକ ସଚେତନତା ଅଭିଯାନ ଆରମ୍ଭ କରାଯିବ । ସୂଚନାଯୋଗ୍ୟ ଯେ, ଆୟୁଷ୍ମାନ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓଡ଼ିଶାରେ



କାର୍ଯ୍ୟକାରୀ ହେବା ପାଇଁ ଜାନୁଆରୀ ୧୩ ତାରିଖ ଦିନ ନୂଆଦିଲ୍ଲୀ ଠାରେ ଜାତୀୟ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷଙ୍କ ସହିତ ରାଜ୍ୟ ସରକାରଙ୍କ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା । ବୈଠକର ତଥ୍ୟ ଅନୁଯାୟୀ ଉଭୟ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ରାଜ୍ୟର ୧ କୋଟି ୦୩ ଲକ୍ଷରୁ ଊର୍ଦ୍ଧ୍ୱ ପରିବାର ଉପକୃତ ହେବେ । ବ୍ୟକ୍ତିଗତ ଭାବେ ୩.୪୬ କୋଟିରୁ ଊର୍ଦ୍ଧ୍ୱ ଲୋକ ଉପକୃତ ହେବେ। ଏହି ଦୁଇଟି ଯୋଜନା ଓଡ଼ିଶାରେ ସଂଯୁକ୍ତ ଭାବରେ କାର୍ଯ୍ୟକାରୀ (ଉକ୍ତ-ଇକ୍ସବଭାୟସଭଶ) କରାଯିବ । ଏହି ଦୁଇଟି ଯୋଜନା ପାଇଁ ପ୍ରତ୍ୟେକ ହିତାଧିକାରୀଙ୍କୁ ଗୋଟିଏ କାର୍ଡ (Co-Branded Card) ଯୋଗାଇ ଦିଆଯିବ। ବୟୋବନ୍ଦନା ଯୋଜନାରେ ହିତାଧିକାରୀମାନେ ଅଲଗା ଏକ ସ୍ୱତନ୍ତ୍ର କାର୍ଡ ପାଇବେ । ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାରେ ୬୭ ଲକ୍ଷ ୮୦ ହଜାରରୁ ଅଧିକ ପରିବାର ଉପକୃତ ହେବାକୁ ଥିବାବେଳେ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ୩୫ ଲକ୍ଷ ୮୪ ହଜାରରୁ ଅଧିକ ପରିବାର ଉପକୃତ ହେବେ। ସେହିପରି ୭୦ ବର୍ଷ ବୟସରୁ ଅଧିକ ବୟସର ଲୋକମାନଙ୍କୁ ଆୟୁଷ୍ମାନ ବୟୋବନ୍ଦନା ଯୋଜନାରେ ସାମିଲ କରାଯିବ। ସୂଚନା ଅନୁଯାୟୀ ୭୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ଲୋକଙ୍କ ସଂଖ୍ୟା ୨୩, ୧୨, ୯୭୯। ତେବେ ଏମାନଙ୍କ ମଧ୍ୟରୁ ପ୍ରାୟ ୧୭ ଲକ୍ଷ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ସାମିଲ ଥିବାରୁ ଅଧିକ ୬ ଲକ୍ଷ ହିତାଧିକାରୀ ଏହି ଯୋଜନାରେ ଯୋଡ଼ିହେବେ । ଏହାଦ୍ୱାରା ରାଜ୍ୟର ସମୁଦାୟ ୩.୫୨ କୋଟି ଲୋକ ଉପକୃତ ହେବେ। ପ୍ରତ୍ୟେକ ପୁରୁଷ ହିତାଧିକାରୀଙ୍କୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ଦିଆଯିବା ବେଳେ ପ୍ରତ୍ୟେକ ମହିଳା ହିତାଧିକାରୀଙ୍କୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ପ୍ରଦାନ କରାଯିବ । ଗୋଟିଏ ପରିବାରରେ ୭୦ ବର୍ଷରୁ ଅଧିକ ବୟସର ହିତାଧିକାରୀ ଥିଲେ, ପରିବାର ପ୍ରତି ଚିକିତ୍ସା ଖର୍ଚ୍ଚ ସର୍ବାଧିକ ୧୫ ଲକ୍ଷ ଟଙ୍କା ହେବ। ହିତାଧିକାରୀମାନେ ଦେଶର ୨୯ ହଜାରରୁ ଅଧିକ ସରକାରୀ ଓ ପଞ୍ଜୀକୃତ ବେସରକାରୀ ଡାକ୍ତରଖାନାରେ ଚିକିତ୍ସା ସୁବିଧା ପାଇପାରିବେ । ଏହି ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜା, ଉନ୍ନୟନ କମିଶନର ଶ୍ରୀମତୀ ଅନୁ ଗର୍ଗ, ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସଞ୍ଜୟ କୁମାର ସିଂହ, ଆଇଟି ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ବିଶାଲ ଦେବ, ସ୍ୱାସ୍ଥ୍ୟ ବିଭାଗ ଶାସନ ସଚିବ ଶ୍ରୀମତୀ ଅଶ୍ୱତୀ ଏସ୍ ଏବଂ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ୩୦ମାର୍ଚ୍ଚରେ ଓଡ଼ିଶାରେ ଅନ୍ତ୍ୟୋଦୟ ଆବାସ ଯୋଜନା ଆରମ୍ଭ ହେବ

ଭୁବନେଶ୍ୱର(ଭିଓଭି): ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମାର୍ଚ୍ଚ ୩୦ ତାରିଖରେ କଳାହାଣ୍ଡି ଜିଲ୍ଲାରେ ଓଡ଼ିଶା ଅନ୍ତ୍ୟୋଦୟ ଗୃହ ଯୋଜନା ୨୦୨୫(ଏକ ମହତ୍ୱାକାଂକ୍ଷୀ ଗୃହ ଯୋଜନା) ଆରମ୍ଭ କରିବାକୁ ଯାଉଛନ୍ତି। ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ୫୦,୦୦୦ ବ୍ୟକ୍ତିଙ୍କୁ ଲାଭ ଦେବା, ଯେଉଁଥିରେ ଦିବ୍ୟାଙ୍ଗ, ବିଧବା ଏବଂ ବିଭିନ୍ନ ରୋଗରେ ପୀଡିତ ବ୍ୟକ୍ତି ସାମିଲ ଅଛନ୍ତି। ଏହି ଗୋଷ୍ଠୀଗୁଡ଼ିକ ବ୍ୟତୀତ, ସହିଦଙ୍କ ପରିବାର ଏବଂ ପଦ୍ମଶ୍ରୀ ପୁରସ୍କାର ପ୍ରାପ୍ତ ବ୍ୟକ୍ତିମାନେ ମଧ୍ୟ ଏହି ଯୋଜନାରୁ ଉପକୃତ ହେବେ। ଅନ୍ତ୍ୟୋଦୟ ଗୃହ ଯୋଜନା ରାଜ୍ୟର ଗରିବ ଲୋକଙ୍କ ପାଇଁ ଓଡ଼ିଶା ସରକାରଙ୍କର ଏକ ଅନନ୍ୟ ଯୋଜନା। ପଞ୍ଚାୟତିରାଜ ବିଭାଗ ମାଧ୍ୟମରେ କାର୍ଯ୍ୟକାରୀ ହେବାକୁ ଥିବା ଏହି ଯୋଜନା ବିଷୟରେ ମୁଖ୍ୟମନ୍ତ୍ରୀ ପୂର୍ବରୁ ବାର୍ଷିକ ବଜେଟରେ ଉଲ୍ଲେଖ କରିଥିଲେ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ କହିଛନ୍ତି। ପୂର୍ବ କ୍ୟାବିନେଟରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ, ବହୁ ସଂଖ୍ୟକ ଗରିବ ଲୋକଙ୍କୁ ଆବାସ



ଯୋଜନାରେ ଯୋଡ଼ିବା ପାଇଁ ଅନେକ ପ୍ରମୁଖ ପଦକ୍ଷେପ ନିଆଯାଇଛି। ତଦନୁସାରେ, ମାର୍ଚ୍ଚ ୩୦ ତାରିଖରେ କଳାହାଣ୍ଡି ଜିଲ୍ଲାରେ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯିବାର ଯୋଜନା ରହିଛି ଏବଂ ଅତି କମରେ ୫୦ ହଜାର ଲୋକଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ସାମିଲ କରାଯିବ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ କହିଛନ୍ତି। ଆବାସ ଯୋଜନାର ଯୋଗ୍ୟ ହିତାଧିକାରୀମାନେ ପିଇଓ (ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ) ଏବଂ ବିଡିଓ (ବ୍ଲକ୍ ଉନ୍ନୟନ ଅଧିକାରୀ) ମାଧ୍ୟମରେ ସେମାନଙ୍କର ଆବେଦନର ସ୍ଥିତି ଏବଂ ଅନ୍ୟାନ୍ୟ ସମସ୍ତ ବିବରଣୀ ଜାଣିପାରିବେ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି।

## ଭୁବନେଶ୍ୱରରରେ ଦୂର ହେବ ଟ୍ରାଫିକ୍ ସମସ୍ୟା

# ପଳାଶୁଣୀର ଗଙ୍ଗୁଆ ନାଳ ଉପରେ ହେବ ୬ ଲେନ୍ ରାସ୍ତା

ଭୁବନେଶ୍ୱର,(ଭିଓଭି): ଭୁବନେଶ୍ୱରରେ ସଡ଼କ ଭିତ୍ତିଭୂମି ପ୍ରକଳ୍ପକୁ ଏକ ପ୍ରମୁଖ ପ୍ରୋତ୍ସାହନ ସ୍ୱରୂପ, କେନ୍ଦ୍ର ସରକାର ସ୍ମାର୍ଟ ସିଟିରେ ଟ୍ରାଫିକ୍ ଜାମ୍ ସମସ୍ୟାକୁ ହ୍ରାସ କରିବା ପାଇଁ ଗଙ୍ଗୁଆ ନାଳର ପଳାସୁଣିରେ ଥିବା ସେତୁକୁ ଛଅ ଲେନ୍ ବିଶିଷ୍ଟ କରିବା ପାଇଁ ଅନୁମୋଦନ ପ୍ରଦାନ କରିଛନ୍ତି। ଗଙ୍ଗୁଆ ନାଳ ଉପରେ ଏକ ଛଅ ଲେନ୍ ରାସ୍ତା ନିର୍ମାଣ ପ୍ରସ୍ତାବକୁ କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନୀତିନ ଗଡକରୀ ଅନୁମୋଦନ କରିଛନ୍ତି। ଭୁବନେଶ୍ୱରର ସାଂସଦ ଅପରାଜିତା ଷଡ଼ଙ୍ଗୀ ବୁଧବାର ଦିଲ୍ଲୀ ଗସ୍ତ ସମୟରେ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିବା ପରେ ଏହି ବିକାଶ ହୋଇଛି।

ସୂତ୍ର ଅନୁସାରେ ଗଙ୍ଗୁଆ ନାଳା ଉପରେ ବିଦ୍ୟମାନ ସେତୁର ସମ୍ପ୍ରସାରଣ ଏବଂ ପଳାସୁଣି ଅଞ୍ଚଳରେ ଟ୍ରାଫିକ୍ ଭିଡ଼ ଦୂର କରିବା ପାଇଁ ଅତିରିକ୍ତ ୬ ଲେନ୍ ରାସ୍ତା ନିର୍ମାଣ ଅନ୍ତର୍ଭୁକ୍ତ ଏହି ପ୍ରକଳ୍ପକୁ ୫୦ କୋଟି ଟଙ୍କାର ବଜେଟ୍ ସହିତ ମଞ୍ଜୁର କରାଯାଇଛି, ଏହା ସହିତ ପ୍ରସ୍ତାବର ଏକ ଅଂଶ ଭାବରେ,





ବର୍ତ୍ତମାନ ଥିବା ଚାରି ଲେନ୍ ରାସ୍ତାକୁ ଛଅ ଲେନ୍ ରାସ୍ତାରେ ଉନ୍ନୀତ କରାଯିବ।

ବର୍ତ୍ତମାନ, ଗଙ୍ଗୁଆ ନାଳା ଉପରେ ରାସ୍ତାଟି ଚାରି ଲେନ୍ ଅଛି, ବାମ ଏବଂ ଡାହାଣ ଉଭୟ ପାର୍ଶ୍ୱରେ ଗୋଟିଏ ସେତୁ ଅଛି। ନୂତନ ଯୋଜନାରେ ଉଭୟ ପାର୍ଶ୍ୱରେ ଦୁଇଟି ଅତିରିକ୍ତ ଲେନ୍ ଯୋଡାଯିବା ସହିତ ୨୪୦ ମିଟର ଲମ୍ବ ଏକ ବିସ୍ତାରିତ ସେତୁ ନିର୍ମାଣ କରାଯିବ। ଏହା ଟ୍ରାଫିକ୍ ପ୍ରବାହକୁ ଉଲ୍ଲେଖନୀୟ ଭାବରେ ଉନ୍ନତ କରିବ ଏବଂ ଅଞ୍ଚଳରେ ଭିଡ଼ ହ୍ରାସ କରିବ।

ଏହି ପ୍ରକଳ୍ପକୁ ଅନୁମୋଦନ କରିବା ଏବଂ ଭୁବନେଶ୍ୱରର ବିକାଶକୁ ନିରନ୍ତର ସମର୍ଥନ ପାଇଁ ଏମପି ଅପରାଜିତା ଷଡ଼ଙ୍ଗୀ କେନ୍ଦ୍ର ମନ୍ତ୍ରୀ ଗଡକରୀଙ୍କ ପ୍ରତି ଗଭୀର କୃତଜ୍ଞତା ପ୍ରକାଶ କରିଛନ୍ତି। ଏହି ରାସ୍ତା ଉନ୍ନତିକରଣ ପଦକ୍ଷେପ ପଳାସୁଣୀ ଅଞ୍ଚଳରେ ଟ୍ରାଫିକ୍ ସୁଗମ କରିବ ଏବଂ ସହରର ଭିତ୍ତିଭୂମି ଅଭିବୃଦ୍ଧିରେ ଯୋଗଦାନ କରିବ ବୋଲି ଆଶା କରାଯାଉଛି।

# ବାହାର ରାଜ୍ୟରୁ ୨୦୨୩-୨୪ରେ ଓଡ଼ିଶାକୁ ୩୩,୪୨୪ ମେଟ୍ରିକ ଟନ୍ ମାଛ ଆସିଛି, ଅଣ୍ଡା ଅଭାବ ରହିଛି: ମନ୍ତ୍ରୀ

ଭୁବନେଶ୍ୱର,(ଭିଓଭି): ବାହାର ରାଜ୍ୟରୁ ୨୦୨୩-୨୪ରେ ଓଡ଼ିଶାକୁ ୩୩,୪୨୪ ମେଟ୍ରିକ ଟନ୍ ମାଛ ଆସିଛି ବୋଲି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ବିଧାନସଭାରେ ସୂଚନା ପ୍ରଦାନ କରିଛନ୍ତି ।ବ୍ରହ୍ମଗିରି ବିଧାୟକ ଶ୍ରୀମତୀ ଉପାସନା ମହାପାତ୍ର ପ୍ରଶ୍ନ କରିଥିଲେ ଯେ, ଓଡ଼ିଶାରେ ପ୍ରତିଦିନ କେତେ ପରିମାଣର ମାଛ ଓ ଅଣ୍ଡାର ଚାହିଦା ରହିଛି, ଏହି ଚାହିଦା ମୁତାବକ ଓଡ଼ିଶାରେ ଯଥେଷ୍ଟ ମାଛ ଓ ଅଣ୍ଡାର ଉତ୍ପାଦନ ହେଉଛି ନା ଅନ୍ୟ ରାଜ୍ୟରୁ ଆମଦାନୀ ହେଉଛି, ଯଦି ଅନ୍ୟ ରାଜ୍ୟରୁ ଆମଦାନୀ ହେଉଛି ତେବେ ତାହାର ପରିମାଣ କେତେ ଓ କେଉଁ କେଉଁ ରାଜ୍ୟରୁ ଅଣାଯାଉଛି ଏହି କ୍ଷେତ୍ରରେ ଓଡିଶାକୁ ସ୍ୱାବଲମ୍ବୀ କରିବା ପାଇଁ ସରକାର କି ପଦକ୍ଷେପ ନେଉଛନ୍ତି ?ରାଜ୍ୟରେ ମଧ୍ୟରୁ ମାଛର ଚାହିଦା ଅଧିକ ଥିବାରୁ ୩୩,୪୨୪ ମେଟ୍ରିକ ଟନ୍ ମାଛ ପଡୋଶୀ ରାଜ୍ୟରୁ ଆସିଥିଲା। ସେଥିମଧ୍ୟରେ ଆନ୍ଧ୍ରପ୍ରଦେଶରୁ ପ୍ରାୟ ୩୧,୧୯୪ ମେଟ୍ରିକ ଟନ୍, ପଶ୍ଚିମବଙ୍ଗରୁ ୭୦୦ ମେଟ୍ରିକ ଟନ୍ ଓ ଛତିଶଗଡ଼ରୁ ୧,୫୩୦ ମେଟ୍ରିକ ଟନ୍ ମାଛ ରାଜ୍ୟକୁ ଆସିଥିଲା ବୋଲି ମନ୍ତ୍ରୀ ସୂଚନା ପ୍ରଦାନ କରିଛନ୍ତି ।ରାଜ୍ୟରେ ଅଧିକ ମତ୍ସ୍ୟ ଉତ୍ପାଦନ ଓ ରାଜ୍ୟକୁ ମତ୍ସ୍ୟ ଚାଷରେ ସ୍ୱାବଲମ୍ବୀ କରିବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ



କଲ୍ୟାଣ ଯୋଜନା ଏବଂ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ପ୍ରଣୟନ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ଭାରତୀୟ ଭେଷଜ ଅନୁସନ୍ଧାନ ସଂସ୍ଥାର ସୁପାରିଶ ଅନୁସାରରେ ବାର୍ଷିକ ମୁଣ୍ଡପିଛା ୧୮୦ଟି ଅଣ୍ଡାର ଆବଶ୍ୟକତା ଥିବାବେଳେ ରାଜ୍ୟରେ ବର୍ତ୍ତମାନ ମୁଣ୍ଡପିଛା ୮୦ ଅଣ୍ଡା ଉପଲବ୍ଧ ହେଉଛି। ରାଜ୍ୟରେ ଖାଦ୍ୟ ଅଭ୍ୟାସ ଅନୁସାରେ ଦୈନିକ ୧୩୮ ଲକ୍ଷ ଅଣ୍ଡାର ଚାହିଦା ଥିବାବେଳେ ୨୦୨୩-୨୪ ଆର୍ଥିକ ବର୍ଷରେ ଦୈ?ନିକ ୧୦୧ ଲକ୍ଷ ଅଣ୍ଡା ଉପଲବ୍ଧ ହେଉଥିଲା। ବାହାର ରାଜ୍ୟକୁ ଓଡ଼ିଶାରୁ ୧୫ ଲକ୍ଷ ଅଣ୍ଡା ଆସୁଥିବାବେଳେ ପଡୋଶୀ ରାଜ୍ୟଗୁଡ଼ିକୁ ୧୦ରୁ ୧୨ ଲକ୍ଷ ଅଣ୍ଡା ପଠାଯାଉଛି।

# ଆସିକା ସଂସଦୀୟ କ୍ଷେତ୍ରରେ ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ପାଇଁ ଅନୁଦାନ ଦାବୀ କଲେ ସାଂସଦ

ଆସିକା (ଭିଓଭି): ଆସିକା ସଂସଦୀୟ କ୍ଷେତ୍ରରେ ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ପାଇଁ ସ୍ୱତନ୍ତ୍ର କେନ୍ଦ୍ରୀୟ ଅନୁଦାନ ଦାବୀ କରିଛନ୍ତି ସାଂସଦ ଅନୀତା ଶୁଭଦର୍ଶିନୀ । ସଂସଦର ଚଳିତ ଅଧିବେଶନରେ ମୌଳିକ ସ୍ୱାସ୍ଥ୍ୟ ସେବା ସଂକ୍ରାନ୍ତୀୟ ବିଷୟ ଉପରେ ଆଲୋଚନାରେ ଭାଗନେଇ ସମସ୍ତ ବିଧାନସଭା ନିର୍ବାଚନ ମଣ୍ଡଳୀ ରେ କିଭଳି ଲୋକ ମାନେ ଉତ୍ତମ ସ୍ୱାସ୍ଥ୍ୟ ସେବା ସହଜ ଏବଂ ସରଳ ରେ ଘର ପାଖରେ ଉପଲବ୍ଧ ହେବ ସେଥି ନିମନ୍ତେ ୨୦୦ କୋଟି ଟଙ୍କାର କେନ୍ଦ୍ରୀୟ ଅନୁଦାନ ଦାବୀ କରିଛନ୍ତି ।ଗତ ସରକାରରେ ସମଗ୍ର ରାଜ୍ୟରେ ତଥା ଆସିକା ପ୍ଲାମେଣ୍ଟ କ୍ଷେତ୍ରରେ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ଅବସ୍ଥାରେ ଥିଲା । ଏପରିକି ନିଜ ସଂସଦୀୟ କ୍ଷେତ୍ରର କିଛି ଅଞ୍ଚଳର ରୋଗୀଙ୍କୁ ସାଧାରଣ ଚିକିତ୍ସା ନିମନ୍ତେ ଶହେ କିଲୋମିଟର ଦୂର ବ୍ରହ୍ମପୁର ଯିବାକୁ ପଡୁଛି । ବର୍ତ୍ତମାନ ରାଜ୍ୟରେ ଡବଲ ଇଞ୍ଜିନି ସରକାର ଥିବାରୁ ନିଜ ସଂସଦୀୟ କ୍ଷେତ୍ରର ରୋଗୀଙ୍କୁ ଆପତଃକାଳୀନ ଉନ୍ନତ ସ୍ୱାସ୍ଥ୍ୟ ସେବା ଉପଲବ୍ଧ କରାଇବାପାଇଁ ନିଜ ସଂସଦୀୟ କ୍ଷେତ୍ରର କେନ୍ଦ୍ର ସ୍ଥଳରେ ଏକ ଅତ୍ୟାଧୁନିକ ନିଦାନକେନ୍ଦ୍ର ନିର୍ମାଣ କରିବାକୁ ପ୍ରସ୍ତାବ ଦେଇଛନ୍ତି କ୍ଷ ଏଥି ସହିତ ପ୍ରତ୍ୟେକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେରେ ପ୍ରଧାନମନ୍ତ୍ରୀ ଜନଔଷଧୀ କେନ୍ଦ୍ର ନିର୍ମାଣ କରିବାପାଇଁ ଦାବୀ ରଖିଛନ୍ତି ସାଂସଦ ଅନୀତା ଶୁଭଦର୍ଶିନୀ । ଏଭଳି ଜଣେ ମହିଳା ଲୋକ ପ୍ରତିନିଧି ଲୋକ ମାନଙ୍କ ମୌଳିକ ସ୍ୱାସ୍ଥ୍ୟ ସେବା ଉପରେ ସଂସଦ ରେ ପ୍ରଶ୍ନ ଉଥାପନ କରିଥିବାରୁ ଅଂଚଳବାସୀ ଅନେକ ସାଧୁବାଦ ପ୍ରଦାନ କରିଛନ୍ତି ।

## ସଂ ପା ଦ କୀ ୟ

# ସମ୍ପର୍କ ଆଜି ସଙ୍କୁଚିତ

ଏଇ କିଛି ଦିନ ତଳେ ସାମାଜିକ ଗଣମାଧ୍ୟମ ମାନଙ୍କରେ ଦୁଇଟି ଫଟୋ ବିଶେଷ ଭାବରେ ଭାଇରାଲ୍ ହୋଇଥିଲା, ଯାହାକୁ ପ୍ରାୟ ସମସ୍ତେ ଦେଖିଥିବେ। ଜଣେ ଦିଲ୍ଲୀର ଆର.ପି.ଏଫ୍ କନେଷ୍ଟବଳ ରୀନା ଆଉ ଜଣେ ଓଡ଼ିଶାର ଶିକ୍ଷକ ପ୍ରଶାନ୍ତ ଜେନା। ମହାକୁମ୍ଭ ନିମନ୍ତେ ମରଣାନ୍ତକ ଭିଡ ଥିବା ଦିଲ୍ଲୀ ରେଲୱେ ଷ୍ଟେସନରେ ବିପଦ ପୂର୍ଣ୍ଣ ଭାବରେ ନିଜର ଏକ ବର୍ଷର ଶିଶୁକୁ ଛାତିରେ ଜାକି, ବାଡି ଧରି ଦୁଃସାହସିକ ଭାବେ କର୍ତ୍ତବ୍ୟରତ ଥିବା ସମୟର ଫଟୋ ଆସିବା ପରେ ସାମାଜିକ ଗଣମାଧ୍ୟମ ଗୁଡିକରେ ସେ ଅନେକ ପ୍ରଶଂସା ଓ ନିନ୍ଦା ସାଉଁଟି ଥିଲେ। ଅନ୍ୟ ଏକ ଘଟଣାରେ ଆମ ରାଜ୍ୟର ଔପଦା ବ୍ଲକ ଅଧିନସ୍ଥ ଅଣ୍ଡରା ନୋଡାଲ୍ ସ୍କୁଲ୍'ର ଶିକ୍ଷକ ପ୍ରଶାନ୍ତ ଜେନା ଅଙ୍ଗନବାଡ଼ି କେନ୍ଦ୍ର ବନ୍ଦ ଥିବା କାରଣରୁ ନିଜର ଚାରି ବର୍ଷର ଶିଶୁ କନ୍ୟାକୁ କୋଳରେ ବସାଇ ଶ୍ରେଣୀଗୃହରେ ପିଲାଙ୍କୁ ପାଠ ପଢ଼ାଉଥିବା କାରଣରୁ ବି.ଇ.ଓ ମହାଶୟ ତାଙ୍କୁ ଚାକିରୀରୁ ନିଲମ୍ବନ କରିଥିଲେ। ଉପରୋକ୍ତ ଦୁଇଟି ଯାକ ଘଟଣା ପ୍ରାୟ ସମାନ। ଉଭୟ ସରକାରୀ କର୍ମଚାରୀ। ସରକାରୀ କାର୍ଯ୍ୟ କରିବା ସମୟରେ ନିଜର ଶିଶୁ ଛୁଆକୁ ଧରିଥିବା କାରଣରୁ କୋଉଠି ପ୍ରଶଂସା ମିଳିଛି ତ କୋଉଠି ନିନ୍ଦା ଅପବାଦ ସହ ଚାକିରି ବୃତ୍ତିରୁ ନିଲମ୍ବନ ହେବାକୁ ପଡ଼ିଛି। ସେ ବିଷୟରେ ଅଧିକ ଆଲୋଚନା କରି କିଏ ଠିକ୍ କଲେ ବା କିଏ ଭୁଲ୍ କଲେ, ତାର ଟିପ୍ପଣୀ ଦେବାକୁ ଆମେ ଚାହୁଁ ନାହୁଁ। କିନ୍ତୁ ସମାନ ପ୍ରକାର ଘଟଣାରେ ଦୁଇ ପ୍ରକାର ଅଲଗା ଫଳ ଆମ ମନରେ ଏକ ମାନସିକ ଦ୍ୱନ୍ଦ୍ୱ ସୃଷ୍ଟି କରୁଛି। ଶାଶୁ ଓ ବୋହୂ ଚରିତ୍ର ମାନଙ୍କର ନାମ ପ୍ରକାଶ ନକରି ମୁଁ ନିଜେ ଅନୁଭବ କରିଥିବା ଦୁଇଟି ପ୍ରସଙ୍ଗର ଉଦାହରଣ ଏଠାରେ ଦେବାକୁ ଚାହୁଁଛି। ଓଡ଼ିଶା ବାହାରେ କାମ କରୁଥିବା ପୁଅ ଖୁସିରେ ନିଜ ମାଆକୁ ନିଜ ପାଖକୁ ନେଇଗଲେ। ମାଆ କିଛି ଦିନ ରହି ଘରକୁ ଫେରିଲା ପରେ ଆଉ ଯେତେ ଆଗ୍ରହ କରି ପୁଅ ଓ ବୋହୂ ଡାକିଲେ ମଧ୍ୟ ସେ ଯିବା ପାଇଁ ତିଳେମାତ୍ର ଇଚ୍ଛା ପ୍ରକାଶ କଲେ ନାହିଁ। କାରଣ ଜାଣିବାକୁ ଇଚ୍ଛା କରି ତାଙ୍କ ଝିଅ ପଚାରିବାରୁ ମାଆ କହିଥିଲେ, ମୁଁ ସେଠାରେ ଯାଇ ରହି ବୋହୂ ଥାଉ ଥାଉ ପୁଅ



ରୋଷେଇ କରିବା, ଶୋଇବା ପାଇଁ ଶେଯ ପକାଇବା, ଲୁଗା ସଫା କରିବା ଓ ବୋହୂର ମୁଣ୍ଡ ବିନ୍ଧା ହେଲେ ତା ମୁଣ୍ଡରେ ଅମୃତାଞ୍ଜନ ଘଷି ଦେବା କାମ ସବୁ ମାଆ ହୋଇ ଦେଖି ପାରିବି ନାହିଁ। ଦିତୀୟ ଘଟଣାରେ ଶାଶୁଙ୍କୁ ଆଣି ପାଖରେ ରଖିବାକୁ ଅନିଚ୍ଛୁକ ଜଣେ ବୋହୂଙ୍କୁ ମୁଁ କାରଣ ପଚାରିବାରୁ ସେ ଅନେକ ଗୁଡ଼ିଏ ଅଭିଯୋଗ ଶାଶୂଙ୍କ ନାମରେ ଆଣି କହିଥିଲେ ମୋର ପୁଅ-ଝିଅ ଓ ସ୍ୱାମୀ ଯିଏକି ଶାଶୁଙ୍କର ନାତି-ନାତୁଣୀ ଓ ପୁଅ, ସକାଳୁ ଉଠିବା ଠାରୁ ରାତି ପର୍ଯ୍ୟନ୍ତ ଠିକ୍ ସମୟରେ ଖାଇଲେ କି ନାହିଁ, ତାଙ୍କ ପସନ୍ଦର ଖାଦ୍ୟ ଦେଇଥିଲୁ କି ନାହିଁ, ଏମିତି କି ସ୍ୱାମୀ ଅଫିସରୁ ଫେରିବା ପରେ ଓ ପିଲାମାନେ ପାଠ ପଢି ଘରକୁ ଆସିବା ପରେ କଣ ଖାଇବେ ତାର ଟିକି ନିଖି ତଦାରଖ କରିବା ତାଙ୍କର ପ୍ରକୃତି। ତାଙ୍କ ପୁଅ ମାନେ ମୋ ସ୍ୱାମୀ ଅଫିସରୁ ଫେରିବା ମାତ୍ରେ ମତେ ପ୍ରଶ୍ନ ବାଣ କରି ଚାଲିବେ, ବୋଉ ଠିକ୍ ସମୟରେ ଖାଇଛି କି ନାହିଁ ? ଔଷଧ ଦେଇଛ କି ନାହିଁ ? ଇତ୍ୟାଦି। ତୁମର ଖାଇବା କଥା ଶାଶୁ ବୁଝି ଥାଆନ୍ତି ନା ନାହିଁ ? ମୋ ପ୍ରଶ୍ନର ଉତ୍ତରରେ ବୋହୂ କହିଥିଲେ ଆରେ ବାପ୍'ରେ ବାପ୍ ବୁଢ଼ୀ ପୁରା ମୁଣ୍ଡ ଖରାପ କରିଦେବ। ସକାଳୁ ଠିକ୍ ସମୟରେ ଗାଧୋଇଲି ନା ନାହିଁ ଚାହିଁଥିବ, ଗାଧୋଇକି କଣ ଦିଟା ଖାଇଦେ ନହେଲେ ଗ୍ୟାସ ହୋଇଯିବ ବୋଲି ରଡ଼ି ଛାଡ଼ିଥିବ। ରୋଷେଇ କାମରେ ସହଯୋଗ କରିବା ପ୍ରଶ୍ନରେ ବୋହୂ କହିଥିଲେ ସହଯୋଗ ମାନେ, ଏକଦମ୍ ସକାଳୁ ଉଠି ବୁଢ଼ୀ ପନିକି ଧରି ପରିବା କାଟି ଗଦେଇଦେବ। ଗାଧୁଆ କାମ ସାରି ଦିଅଁ ଦେବତା ପୂଜା ପରେ ଭାତ ଓ ଡାଲି ପାଇଁ ପାଣି ବସାଇ ରୋଷେଇର ଅଧା କାମ ସାରି ଦେଇଥିବ। ସେଥିରେ ଅସୁବିଧା କଣ ହେଲା ପ୍ରଶ୍ନରେ ବୋହୂ କହିଥିଲେ ଆମେ ସ୍ୱାମୀ, ସ୍ତ୍ରୀ ଓ ଛୁଆ ଦିଟା କଣ ଟିକେ ଖାଇଦେଲେ କି ମ୍ୟାଗି ଘାଣ୍ଟିଦେଲେ କାମ ଚଳିଯାଏ। ଏତେ ସବୁ ରନ୍ଧା ବଢ଼ା କରିବା କଣ ଦରକାର। ଉପରେ ବର୍ଣ୍ଣିତ ଶାଶୁ ଏବଂ ବୋହୂଙ୍କ ଅଭିଯୋଗରୁ ଏକଥା ସୁସ୍ପଷ୍ଟ ଯେ ଆଜି କେହି କାହା ସହିତ ମନନେଇ ଚଳିବା ମାନସିକତାରେ ନାହାଁନ୍ତି। ପୁରୁଷକେନ୍ଦ୍ରୀକ ପରିବାରରେ ବଢ଼ିଥିବା ଶାଶୂଙ୍କ ଅଭିଯୋଗ ଦେଖିଲେ ମନେ ହୁଏ ଯେ ସେ ସେଇ ପୁରୁଣା ଢାଞ୍ଚାରେ, ଘରର ସ୍ତ୍ରୀ ଲୋକମାନେ ହିଁ ରୋଷେଇ ଠାରୁ ଆରମ୍ଭ କରି ଶେଯ ପକାଇବା ପର୍ଯ୍ୟନ୍ତ ସବୁ କାମ କରିବା ଦରକାର। ଏମିତି କି ଦେହ ମୁଣ୍ଡ ଖରାପ ଥିଲେ ମଧ୍ୟ ସେ ନିଜେ କାମ ନିଜେ କରିବା ସହିତ ଘରର ସବୁକାମ କରିବା ବାଞ୍ଛନୀୟ। ବୋହୂର ଅଭିଯୋଗ ଦେଖିଲେ ଜଣାପଡୁଛି, ଏମିତି ଶାଶୁ କଣ ବା ଭୁଲ୍ କହୁଛନ୍ତି ? ସେ ସାରା ପରିବାରର ଭଲ ମନ୍ଦ ସହ ଖାଇବା ପିଇବା ବୁଝିବା ସହିତ ରୋଷେଇ କାର୍ଯ୍ୟରେ ବହୁତ ସାହାଯ୍ୟ କରି ଦେଉଛନ୍ତି। ନଚେତ୍ ଦିନରେ ମ୍ୟାଗି ଆଉ ରାତିରେ ହୋଟେଲ୍ ଖାନା ମଗାଇବାକୁ ପଡ଼ନ୍ତା। କନେଷ୍ଟବଳ ରୀନା ଓ ଶିକ୍ଷକ ପ୍ରଶାନ୍ତ ନିଜର ଶିଶୁ ଛୁଆକୁ ଧରି ସରକାରୀ କର୍ତ୍ତବ୍ୟ କରିବା ବିଷୟକୁ ଫେରିବା। ସେମାନେ ନିଜର ଛୁଆକୁ କାଖରେ ଧରି କର୍ମ ସଂସ୍ଥାନକୁ ଆସିବାକୁ କାହିଁକି ପଡ଼ିଲା ? ତାଙ୍କର କଣ ଘର ପରିବାର ଲୋକ କେହି ନାହାନ୍ତି କି ? ଏହି ଘଟଣାକ୍ରମ ସୂଚାଇ ଦେଉଛି କି, ଏହା ଯୌଥ ପରିବାର ଉଚ୍ଛେଦର ପରିଣତି ମାତ୍ର ! ପୁଅ-ବୋହୂ'ଙ୍କ ପାଖରେ ଶାଶୁ-ଶ୍ୱଶୁର'ମାନେ ରହି ନାତି-ନାତୁଣୀ'ମାନଙ୍କୁ ସାମାଜିକ ସମ୍ପର୍କ ଓ ମୂଲ୍ୟବୋଧର ଶିକ୍ଷା ଆଉ ଦେବାକୁ ଚାହୁଁ ନାହାନ୍ତି। ସମ୍ପର୍କ ଆଜି ସଙ୍କୁଚିତ ହୋଇଗଲାଣି। ଆମ ପିଲା ମାନେ ମଧ୍ୟ ନିଜ ମାମୁଁ, ମାଉସୀ ଓ ପିଉସୀ ଇତ୍ୟାଦିଙ୍କ ପୁଅ ଓ ଝିଅମାନଙ୍କୁ ଚିହ୍ନି ପାରୁ ନାହାଁନ୍ତି। ଆମ ବାପ-ମା ଆମକୁ ଶିଖାଇଥିବା ସୁଦୂର ପ୍ରସାରୀ ସମ୍ପର୍କକୁ ଅନୁସରଣ ନକରି ସତରେ ସମ୍ପର୍କକୁ ଆଜି କେତେ ସଙ୍କୁଚିତ କରି ନ ଦେଇଛେ। କେତେ ସୀମିତ ପରିଧି ଭିତରେ ବଞ୍ଚିବା ପାଇଁ ଅନୁପ୍ରାଣିତ କରୁଛେ ଆମେ ଆମର ପରବର୍ତ୍ତୀ ପିଢିକୁ। ଏମିତି ଚାଲିଲେ ଆଗକୁ ଆମ ପରବର୍ତ୍ତୀ ପିଢ଼ିମାନେ ରକ୍ତ ସମ୍ପର୍କକୁ କୋଉ ପିଢ଼ି ପର୍ଯ୍ୟନ୍ତ ଚିହ୍ନିବେ ତାହା ଆଜି ଏକ ବିରାଟ ପ୍ରଶ୍ନବାଚୀ ! ତେଣୁ ଆସନ୍ତୁ ଆଜିଠାରୁ ଆମ ବାପା-ମାଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ଆମ ପରବର୍ତ୍ତୀ ପିଢିକୁ ସଂକୁଚିତ ସମ୍ପର୍କରୁ ବାହାରକରି ସୁଦୂର ପ୍ରସାରୀ ସମ୍ପର୍କର ଆବଶ୍ୟକତା ଓ ଉପକାରିତା ସମ୍ବନ୍ଧରେ ଶିଖାଇବା। ସମୟ ପାଇଲେ ସେମାନଙ୍କୁ ଧରି ଛୁଟି କଟାଇବାକୁ ଦୂର ସ୍ଥାନକୁ ଭ୍ରମଣରେ ନଯାଇ ନିକଟ ଓ ଦୂର ସମ୍ପର୍କୀୟମାନଙ୍କ ଘରକୁ ବୁଲିବାକୁ ଯିବା। ସେମାନେ ଚିହ୍ନି ନଥିବା ନିଜ ଲୋକମାନକୁ ଚିହ୍ନେଇବା ସହିତ ଜାଣିନଥିବା ସମ୍ପର୍କର ସଂଜ୍ଞାକୁ ଜଣେଇବା। ସମ୍ପର୍କକୁ ସଙ୍କୁଚିତ ନକରି ପ୍ରସାରିତ କରିବାକୁ ଚେଷ୍ଟା କରିବା ଓ ଯୌଥ ପରିବାର ବିଚାର ଧାରାକୁ ସମ୍ମାନ ଦେବା। ଅନ୍ୟଥା ରୀନା ଓ ପ୍ରଶାନ୍ତଙ୍କ ଭଳି ନିଜର କୁନି ଛୁଆକୁ ସାଙ୍ଗରେ ନେଇ କର୍ତ୍ତବ୍ୟ ସମ୍ପାଦିତ ପୂର୍ବକ ନିନ୍ଦା କିମ୍ବା ପ୍ରଶଂସା ସାଉଣ୍ଟିବା ହିଁ ସାର ହେବ।

ଜ୍ଞାନ ରଞ୍ଜନ ମିଶ୍ର

# ପିତ୍ତକୋଷ ପାଥୁରୀ ଓ ଇଲେକ୍ଟ୍ରୋହୋମିଓପାଥିକ୍ ଚିକିତ୍ସା



ଡଃ ରଶ୍ମି ରଞ୍ଜନ ମହାରଥା
ଜିଲ୍ଲା ପ୍ରତିନିଧି, ପୁରୀ

ଶରୀରରେ ଥିବା ଲିଭର ବା ଯକୃତ ରେ ପିତ୍ତ ତିଆରି ହୋଇ ପିତ୍ତକୋଷ ବା ଗଲ୍ ବ୍ଲାଡରରେ ଅଧିକ ସାନ୍ଦ୍ରତା ଅବସ୍ଥାରେ ରହିଥାଏ ଏବଂ ଖାଦ୍ୟ ପାକସ୍ଥଳୀରୁ କ୍ଷୁଦ୍ରାନ୍ତ୍ରକୁ ଯିବା ସମୟରେ ପିତ୍ତକୋଷରୁ ପିତ୍ତ ଆସି ଖାଦ୍ୟରେ ମିଶିଥାଏ ଏବଂ ଖାଦ୍ୟ ହଜମ କରିବାରେ ସାହାଯ୍ୟ କରିଥାଏ। ସାଧାରଣତଃ ତେଲ ବା ଚର୍ବି ଜାତୀୟ ଖାଦ୍ୟ ହଜମ କରିବାପାଇଁ ଅଧିକ ମାତ୍ରାରେ ପିତ ଆବଶ୍ୟକ ପଡିଥାଏ। ବେଳେ ବେଳେ କୌଣସି କାରଣରୁ ବହୁତ ଦିନ ଧରି ପିତ୍ତ କୋଷରୁ ପିତ୍ତ ନିଃସରଣ ପ୍ରକ୍ରିୟାରେ ବ୍ୟାଘାତ ଘଟି ପିତ୍ତକୋଷରୁ ସଂପୂର୍ଣ୍ଣ ଭାବେ ପିତ୍ତ ନିଃସରଣ ନ ହୋଇ ତଳାଣି ପଡି ରହିବା ଦ୍ୱାରା ପିତରେ ଥିବା କୋଲେଷ୍ଟାରିନ୍ ନାମକ ବସ୍ତୁ




ବିଲୁରୁବିନ୍ ଏବଂ ଫ୍ୟାଟି ଏସିଡ୍ ସହ ରାସାୟନିକ କ୍ରିୟା କରି ଧିରେ ଧିରେ ସ୍ତର ସ୍ତର ହୋଇ ବାଲି ସଦୃଶ ଏକ ଟାଣ ପଦାର୍ଥରେ ପରିଣତ ହୋଇଥାଏ ଏବଂ ଏହାର ଆକାର ଧିରେ ଧିରେ ବଢ଼ି ପଥର ସଦୃଶ ଧାରଣ କରେ। ଏହାକୁ ପୀତପାଥୁରୀ ବା ଇଂରାଜୀରେ ଗଲ୍ ?ଷ୍ଟୋନ୍ ବୋଲି କୁହାଯାଏ। ଏଥିପାଇଁ ଲିଭରରେ ତିଆରି ହେଉଥିବା ପୀତର ରାସାୟନିକ ଅସନ୍ତୁଳନ ହିଁ ମୁଖ୍ୟତଃ ଦାୟୀ ବୋଲି ମଧ୍ୟ ବିବେଚନା କରାଯାଇଥାଏ। ପୀତକୋଷ ମଧ୍ୟରେ ଏହି ପାଥୁରୀ ସଂଖ୍ୟା ଗୋଟିଏ ରୁ ଆରମ୍ଭ ହୋଇ ପାଂଚ, ଦଶ, ପଚାଶ, ଶହେ ଏପରିକି ହଜାର ସଂଖ୍ୟାରେ ମଧ୍ୟ ସଂଚିତ ହୋଇପାରେ। ତେବେ ପଥର ଯଦି ଗୋଟିଏ ହୁଏ ତେବେ ଏହା ଆକାରରେ ଖୁବ୍ ବଡ ହୋଇଥାଏ। ଏପରିକି ତାହାର ଆକାର ପୀତ ଥଳିର ଆକାର ସହ ମଧ୍ୟ ସମାନ ହୋଇପାରେ। ମାତ୍ର ଅନେକ କ୍ଷେତ୍ରରେ ବାଲି ଭଳି ହୋଇ ଅନେକ ସଂଖ୍ୟାରେ ଥାଏ, ନଚେତ୍ ଡାଳିମ୍ବ ମଞ୍ଜି ଆକାରର ହୋଇ ଦୁଇ ଚାରିଟି ରୁ ଦଶଟି ହୋଇଥାଏ।

**ଲକ୍ଷଣ**

ସାଧାରଣତଃ ପିତ୍ତ କୋଷରେ ପଥର ସୃଷ୍ଟି ହେବା ଆରମ୍ଭ ହେଲେ ପ୍ରାଥମିକ ଅବସ୍ଥାରେ ତାହା ଜଣା ପଡି ନଥାଏ। ମାତ୍ର ଖାଦ୍ୟ ଖାଇବାରେ ଇଚ୍ଛା ନହେବା, ଅରୁଚି ଲାଗିବା, ଝାଡା ପରିଷ୍କାର ନହେବା ସହିତ କାହାର କାହାର ମୁଣ୍ଡ ବିନ୍ଧା ଥାଇପାରେ। ଖାଦ୍ୟ ଖାଇବାର ପ୍ରାୟ ୧ ଘଣ୍ଟାରୁ ଦୁଇ ଘଣ୍ଟା ମଧ୍ୟରେ ପେଟର ଡାହାଣ ପଟ ରେ ପଞ୍ଜରା ହାଡର ଠିକ୍ ତଳକୁ ଅଳ୍ପ ଅଳ୍ପ ଯନ୍ତ୍ରଣା ହୁଏ। କାହାର କାହାର ଯନ୍ତ୍ରଣା ଅଧିକ ହୋଇ ପ୍ରଥମେ ଖାଦ୍ୟ ବାନ୍ତି ହୋଇଥାଏ ଓ ପରେ ପରେ ପିତ୍ତ ବାନ୍ତି ହୋଇଥାଏ। ବାନ୍ତି ହୋଇଯିବା କିଛି ସମୟ ପରେ ଯନ୍ତ୍ରଣା ଆସ୍ତେ ଆସ୍ତେ କମିଥାଏ। ରୋଗ ପୁରୁଣା ହେଲେ ଏହି ଯନ୍ତ୍ରଣା ବଢ଼ିଥାଏ। ପିତ୍ତକୋଷରୁ ଯେତେବେଳେ ପଥର ବାହାରକୁ ବାହାରିବାକୁ ଚେଷ୍ଟା କରିଥାଏ ସେତେବେଳେ ହିଁ ଅସଲ ଯନ୍ତ୍ରଣା ଆରମ୍ଭ ହୋଇଯାଏ। ପିତ୍ତ ନଳୀର ଆକାର ଠାରୁ ପଥରର ଆକାର ଛୋଟ ହେଲେ ତାହା ସହଜରେ ବା ଅଳ୍ପ କିଛି ଯନ୍ତ୍ରଣା ପରେ ବେଳେ ବେଳେ ବାହାରି ଯାଇଥାଏ, ମାତ୍ର ପିତ୍ତ ନଳୀର ଆକାର ଠାରୁ ପଥରର ଆକାର ବଡ ହେଲେ ତାହା ବାହାରି ନପାରି ପ୍ରବଳ ଯନ୍ତ୍ରଣା ହୋଇଥାଏ। ଏହି ଯନ୍ତ୍ରଣା ପେଟର ଡାହାଣ ପାର୍ଶ୍ୱର ପଞ୍ଜରାସ୍ଥି ତଳୁ ଆରମ୍ଭ ହୋଇ ସମଗ୍ର ତଳି ପେଟ ଏବଂ ଡାହାଣ କାନ୍ଧ ପର୍ଯ୍ୟନ୍ତ ଯାଇଥାଏ। ବେଳେବେଳେ ଅତ୍ୟଧିକ ଯନ୍ତ୍ରଣାରୁ ରୋଗୀ ମୂର୍ଚ୍ଛା ହୋଇ ଯାଇଥାଏ।

**ଇଲେକ୍ଟ୍ରୋହୋମିଓପାଥିକ୍ ଚିକିତ୍ସା**

ପିତ୍ତ ପାଥୁରୀ ରୋଗ ପାଇଁ ଇଲେକ୍ଟ୍ରୋହୋମିଓପାଥିରେ ଅତି ସହଜରେ ଓ କମ୍ ଖର୍ଚ୍ଚରେ ଉନ୍ନତ ମାନର ଚିକିତ୍ସା ଉପଲବ୍ଧ ଅଛି।

ଇଲେକ୍ଟ୍ରୋହୋମିଓପାଥିରେ ସ୍କ୍ରୋଫୋଲୋସୋ ନଂ୫ ଏବଂ କ୍ୟାନ୍ସୋରୋସୋ ନଂ.୫ ସହିତ ଆନ୍‌ଜିଓଟିକୋ ନଂ.୩, ଲିମ୍ଫାଟିକୋ ନଂ.୧, ଫେବ୍ରିଫୁଗୋ ନଂ. ୧ ଏବଂ ରେଡ୍ ଇଲେକ୍ଟ୍ରିସିଟି ମିଶାଇ ଖାଇଲେ ଏହା ଲିଭର କାର୍ଯ୍ୟକୁ ସାଧାରଣ କରିବା ସହିତ ପିତ୍ତକୋଷର ପଥରର ଆକାର କମାଇବାରେ ସାହାଯ୍ୟ କରିଥାଏ। ପଞ୍ଜରା ହାଡ ତଳକୁ ୟେଲୋ ଇଲେକ୍ଟ୍ରିସିଟି ସହିତ ଫେବ୍ରିଫୁଗୋ ନଂ.୨ ମିଶାଇ ଲଗାଇଲେ ଅତ୍ୟଧିକ ଯନ୍ତ୍ରଣା ହେଉଥିଲେ ତାହା ସଙ୍ଗେ ସଙ୍ଗେ କମି ଯାଇଥାଏ। ପଥରକୁ ଛୋଟ ଛୋଟ ଟୁକୁଡା କରି ଭାଙ୍ଗିବାକୁ ଆବଶ୍ୟକ ହେଉଥିଲେ ସ୍କ୍ରୋଫୋଲୋସୋ ନଂ.୨ ସହିତ କ୍ୟାନ୍ସୋରୋସୋ ନଂ୨ ଏବଂ ଆନ୍‌ଜିଓଟିକୋ ନଂ.୨ ଲିମ୍ଫାଟିକୋ ନଂ.୧ ଏବଂ ଗ୍ରୀନ୍ ଇଲେକ୍ଟ୍ରିସିଟି ମିଶାଇ ଖାଇବାକୁ ଦିଆଯାଇଥାଏ। ଏହା ସହିତ ଅନ୍ୟାନ୍ୟ ଲକ୍ଷଣ ସମୁହ ଉପସ୍ଥିତ ଥିଲେ ଆବଶ୍ୟକ ଅନୁସାରେ ଅନ୍ୟ ଔଷଧ ମଧ୍ୟ ପ୍ରୟୋଗ କରାଯାଏ। କିନ୍ତୁ ଇଲେକ୍ଟ୍ରୋହୋମିଓପାଥି ଔଷଧ ସେବନ କରିବା ପୂର୍ବରୁ ଜଣେ ଅଭିଜ୍ଞ ଇଲେକ୍ଟ୍ରୋହୋମିଓପାଥିକ୍ ଚିକିତ୍ସକଙ୍କ ପରାମର୍ଶ କରିବା ନିହାତି ଆବଶ୍ୟକ।

## ଏକାଦଶୀ ଉପବାସ ମାହାତ୍ମ୍ୟ : ୨୦

# ବାମନ ଏକାଦଶୀ

ସିଦ୍ଧାର୍ଥ ମହାପାତ୍ର

ପ୍ରଥମ ପାଣ୍ଡବ ଯୁଧିଷ୍ଠିର ପ୍ରଭୁ ଶ୍ରୀକୃଷ୍ଣଙ୍କୁ ଭାଦ୍ରବ ମାସ ଶୁକ୍ଳ ପକ୍ଷ ଏକାଦଶୀ ବ୍ରତ ବିଷୟରେ ପଚାରିଲେ, ଯାହାକୁ ବାମନ/ ପରିବର୍ତ୍ତିନୀ / ପଦ୍ମା ଏକାଦଶୀ ବୋଲି ମଧ୍ୟ କୁହାଯାଏ। ଏହି ଦିନ ଭଗବାନ ବିଷ୍ଣୁ ପାର୍ଶ୍ୱ ପରିବର୍ତ୍ତନ କରୁଥିବାରୁ ଏହି ଏକାଦଶୀର ନାମ ପରିବର୍ତ୍ତିନୀ ଏକାଦଶୀ କୁହାଯାଏ। ବାମନ / ପରିବର୍ତ୍ତିନୀ /ପଦ୍ମା ଏକାଦଶୀ ଭାଦ୍ରବ ମାସ ଶୁକ୍ଳ ପକ୍ଷ ତିଥିରେ ପାଳିତ ହୁଏ। ପୁରା କାଳରେ ତ୍ରେତୟା ଯୁଗରେ ପ୍ରହଲ୍ଲାଦଙ୍କ ପୌତ୍ର ବଳୀ ଭଗବାନ ବିଷ୍ଣୁଙ୍କ ପରମ ଭକ୍ତ ଥିଲେ। ଜପ, ତପ ଏବଂ ବେଦ ସ୍ତୁତି ଦ୍ୱାରା ଭଗବାନ ବିଷ୍ଣୁଙ୍କୁ ସନ୍ତୁଷ୍ଟ କରି ମହା ବଳୀୟାନ ହୋଇଥିଲେ। ତପ୍ରେ ଦେବତାଙ୍କ ସଙ୍ଗେ ଯୁଦ୍ଧ କରି ସ୍ୱର୍ଗରୁ ବିତାଡିତ କଲେ। ଦେବରାଜ ଇନ୍ଦ୍ରଙ୍କ ସହିତ ସମସ୍ତ ଦେବତା ବିଷ୍ଣୁ ଭଗବାନଙ୍କୁ କଷ୍ଟ ନିବାରଣ ପାଇଁ ପ୍ରାର୍ଥନା କରିବାରୁ, ସେ ବାମନ ଅବତାର ଧାରଣ କଲେ ଏବଂ ବ୍ରହ୍ମଚାରୀ ବେଶ ଧାରଣ କରି ବଳୀଙ୍କ ଦ୍ୱାରରେ ଭିକ୍ଷା ଗ୍ରହଣ ପାଇଁ ପହଞ୍ଚିଲେ। ରାଜା ବଳୀ ଦାନ ପ୍ରଦାନ ପାଇଁ ପ୍ରସ୍ତୁତ ହେବାରୁ ବାମନ ଭଗବାନ ତିନି ପାଦ ଜମିର ଇଚ୍ଛା ପ୍ରକାଶ କଲେ। ଗୋଟିଏ ପାଦ ସାରା ପୃଥିବୀକୁ ଆଚ୍ଛାଦିତ କଲା, ଦ୍ୱିତୀୟ ପାଦ ସମଗ୍ର ସ୍ୱର୍ଗକୁ ଆଚ୍ଛାଦିତ କଲା। ଭଗବାନଙ୍କ ପେଟରୁ ତୃତୀୟ ପାଦ ବାହାରିବାରୁ, ରାଜା ବଳୀ ନିଜ ମୁଣ୍ଡ ଦେଖାଇଦେଲେ। ବାମନ ଭଗବାନ ପାଦ ଦ୍ୱାରା ଦବେଇ ବଳୀଙ୍କୁ ପାତାଳକୁ ପଠେଇଲେ। ଭଗବାନଙ୍କୁ ସର୍ବଦା ନିଜ ପାଖରେ ରଖିବାକୁ ପ୍ରାର୍ଥନା କରିବାରୁ, ସେ ତାଙ୍କୁ ବାମନ ଏକାଦଶୀ ନିଷ୍ଠାର ସହ ପାଳନ କରିବାକୁ ଉପଦେଶ ଦେଲେ। ରାଜା ବଳୀ, ବାମନ ଏକାଦଶୀ ବ୍ରତ ନିଷ୍ଠାର ସହ ପାଳନ କରି ବିଷ୍ଣୁ ଭଗବାନଙ୍କୁ ଅନନ୍ତ କାଳ ପର୍ଯ୍ୟନ୍ତ ନିଜ ପାଖରେ ପାଇଲେ। ଏକ ଲକ୍ଷ ଗୋଦାନର ଫଳ ସଙ୍ଗେ ଏଇ ଏକାଦଶୀ ବ୍ରତ ପାଳନ ସମାନ।

*ବକ୍ସିବଜାର ରୋଡ଼, କଟକ-୧*
*ମୋ : ୯୩୩୮୫୭୦୯୯୩*

# ଜଳଶକ୍ତି ଅଭିଯାନ ଉପରେ କେନ୍ଦ୍ରୀୟ ଟିମର ରାୟଗଡ଼ ଜିଲ୍ଲା ଗସ୍ତ ଓ ଭିଭିନ୍ନ କାର୍ଯ୍ୟ ସମୀକ୍ଷା



ରାୟଗଡ଼ (ଭିଓଭି): କେନ୍ଦ୍ରୀୟ ଜଳଶକ୍ତି ବିଭାଗର ଯୁଗ୍ମ କମିଶନର ତଥା ନୋଡାଲ ଅଧିକାରୀ ଶ୍ରୀ ସମୀର କୁମାର ପାଣ୍ଡେଙ୍କ ନେତୃତ୍ୱରେ କେନ୍ଦ୍ରୀୟ ଟିମ ଦୁଇଦିନିଆ ରକ୍ଷୟଗଡ଼ ଜିଲ୍ଲା ଗସ୍ତରେ ଆସି ବିଭିନ୍ନ ଅଂଚଳ ଗସ୍ତ କରି ଉନ୍ନୟନ କାର୍ଯ୍ୟ ଅନୁଧ୍ୟାନ କରିଥିଲେ । ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ରାୟଗଡ ଶ୍ରୀ ଅକ୍ଷୟ କୁମାର ଖେମୁଣ୍ଡୁଙ୍କ ତତ୍ୱାବଧାନରେ ଜିଲ୍ଲାର କାଳନରକ୍ଷ, ରାମନାଗୁଡ଼ା, ପଦ୍ମପୁର ଓ ଗୁଣୁପୁର ଓ ରାୟଗଡ ବ୍ଲକ ଗସ୍ତ କରିଥିଲେ । ଏହି ପରିଦର୍ଶନ ସମୟରେ ପଂଚାୟତ ରାଜ ଓ ପାନୀୟ ଜଳ ବିଭାଗ, କ୍ଷୁଦ୍ର ଜଳସେଚନ ବିଭାଗ, ଜଳଛାୟା ମିଶନ, ଉଦ୍ୟାନ ବିଭାଗ, ଗ୍ରମୀୟ ଯୋଗାଣ ସଂସ୍ଥା ଓ ବନ ବିଭାଗ ତରଫରୁ ନିଆଯାଇଥିବା ବିଭିନ୍ନ ପ୍ରକଳ୍ପ ଯଥା କ୍ଷେତ ପୋଖରୀ, ଚେକେଡେମ, ଗୋଲାପ ବଗିଚା, ପୁନରୁଦ୍ଧାର ହୋଇଥିବା ପୋଖରୀ, ଅମୃତ ସରବୋର, କ୍ଷୁଦ୍ର ଜଳ ସେଚନ ବିଭାଗର ପୋଖରୀ, ଗ୍ରାମୀୟ ଜଳାଯୋଗାଣ ବିଭାଗର ଜଳବିଶୋଧନ ପ୍ରକଳ୍ପ, ନଳ ଯୋଗେ ଜଳ ଯୋଗାଣ ପ୍ରକଳ୍ପ ଆଦି ବୁଲିଦେଖିଥିଲେ । ଆଜି ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ କେନ୍ଦ୍ରୀୟ ଯୁଗ୍ମ କମିଶନର ଶ୍ରୀ ପାଣ୍ଡେ, ସଦସ୍ୟ ବିଭୂତି ଭୂଷଣ ସାହୁ, ସିଡିଓ ତଥା ଇଓ ଜିଲ୍ଲାପରିଷଦ ଶ୍ରୀ ଖେମୁଣ୍ଡୁ, ବନ ଖଣ୍ଡ ଅଧିକାରୀ ଶ୍ରୀ ସଚିନ ଅନହା ସାହେବ ଓହଲେ, କ୍ଷୁଦ୍ର ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ, ଉଦ୍ୟାନ ବିଭାଗର ଉଦ୍ୟାନବିତ, ଜଳଛାୟା ମିଶନର ପ୍ରକଳ୍ପ ନିର୍ଦ୍ଦେଶକ, ଗ୍ରାମୀୟ ଜଳ ଲଯୋଗାଣ ସଂସ୍ଥାର ସହକାରୀ ଯନ୍ତ୍ରୀ ଓ ଅନ୍ୟାନ୍ୟ ଅଧିକାରୀ ମନେ ଉପସ୍ଥିତ ରହି ନିଜ ନିଜ ବିଭାଗର କାର୍ଯ୍ୟକ୍ରମ ଉପରେ ଉପସ୍ଥାପନା କରିଥିଲେ ।

# ଆଇସକ୍ରିମ ଫ୍ୟାକ୍ଟ୍ରିର କମ୍ପ୍ରେସର ବିସ୍ଫୋରଣ, ମାଲିକ ସହିତ ୨ ଗୁରୁତର

ଓଡଗାଁ (ଆଦର୍ଶ କୁମାର ପଟ୍ଟନାୟକ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ସୁନାମୁହିଁ ଗ୍ରାମର ଚଣ୍ଡୀସାହିରେ ଥିବା ଆଇସକ୍ରିମ ଫ୍ୟାକ୍ଟ୍ରି କମ୍ପ୍ରେସର ବିସ୍ଫୋରଣରେ ମାଲିକ ସହିତ ୨ ଜଣ ଗୁରୁତର ହୋଇଥିବା ଜଣାଯାଇଛି । ଅନ୍ୟ ଜଣେ ଆହତ ହୋଇଛନ୍ତି । ମାଲିକ ଜନାର୍ଦ୍ଦନ ସାହୁ(୬୪) ଓ ଟୁନା ସାହୁ ସାହୁ (୫୬) ଗୁରୁତର ହୋଇଥିବା ବେଳେ ବିଘ୍ନେଶ ସାହୁ(୨୨) ଆହତ ହୋଇଛନ୍ତି। ମଙ୍ଗଳବାର ଆଇସକ୍ରିମ ଫ୍ୟାକ୍ଟ୍ରିରେ କାମ ଚାଲିଥିବା ବେଳେ ଅପରାହ୍ନ ପ୍ରାୟ ୩ଟା ସମୟରେ ହଠାତ୍ କୌଣସି କାରଣରୁ ଫ୍ୟାକ୍ଟ୍ରି କମ୍ପ୍ରେସର ସିଲିଣ୍ଡର ଫାଟି ବିସ୍ଫୋରଣ ଘଟିଥିଲା । ବିସ୍ଫୋରଣରେ ସିଲିଣ୍ଡର ଖଣ୍ଡ ସହିତ ଘରର ଟିଣ ମଧ୍ୟ ଫାଟିଯାଇଥିଲା । ଏବଂ ସିଲିଣ୍ଡର ଖଣ୍ଡ ସହିତ ଟିଣ ଖଣ୍ଡରେ ପାଖରେ ରହି କାମକରୁଥିବା ମାଲିକ ଜନାର୍ଦ୍ଦନ ସାହୁଙ୍କର ୨ ଗୋଡ, ଟୁନା ସାହୁଙ୍କର ବାମ ଗୋଡ଼ ପେଣ୍ଡା ଫାଟି ଗୁରୁତର ହୋଇଥିବା ବେଳେ ବିଘନେସ ସାହୁଙ୍କ ଡାହାଣ ଗୋଡ଼ରେ ଆଘାତ ଲାଗିଥିଲା । ସେମାନଙ୍କୁ ପ୍ରଥମେ ଓଡ଼ଗାଁ ଡାକ୍ତରଖାନାକୁ ଅଣାଯାଇଥିବା ବେଳେ ସେଠାରେ ପ୍ରାଥମିକ ଚିକିତ୍ସା ପରେ ୧୦୮ ଯୋଗେ ନୟାଗଡ଼ ଜିଲ୍ଲା ଡାକ୍ତରଖାନାକୁ ପଠାଯାଇଥିବା ଜଣାପଡିଛି । ହେଲେ ଏଠାରେ ଚାଲିଥିବା ଆଇସ କ୍ରିମ କାରଖାନା ଆଇନ ଅନୁଯାୟୀ ଅନୁମୋଦିତ କି ନାହିଁ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି ।

# ଜିଲ୍ଲାସ୍ତରୀୟ ଲକ୍ଷପତି ଦିଦି କର୍ମଶାଳା କାର୍ଯ୍ୟକ୍ରମ ଅନୁଷ୍ଠିତ



କୋରାପୁଟ, (ଭିଓଭି): କୋରାପୁଟ ଜିଲ୍ଲା ସ୍ଥିତ ସଦର ମହକୁମା ଠାରେ ରହିଥିବା ପୋଲିସ ପଡ଼ିଆ ଠାରେ ଜିଲ୍ଲାସ୍ତରୀୟ ଲକ୍ଷପତି ଦିଦି କର୍ମଶାଳା କାର୍ଯ୍ୟକ୍ରମ ୧୪ ଗୋଟି ବ୍ଲକର ଲକ୍ଷପତି ଦିଦି, ଜିଲ୍ଲାର କାର୍ଯ୍ୟରତ ପ୍ରାଣୀ ମିତ୍ର, କୃଷି ମିତ୍ର,ବ୍ୟାଙ୍କ ମିତ୍ର,ଏଲ ଏଚ୍ ପି,ଏମବିକେ, ସିଆରପି ବିଏଲ୍ ସି,ବିପିଏମ୍, ଇସି ଏବଂ ଏହିପରି ଭାବେ ୫ ହଜାରରୁ ଉର୍ଦ୍ଧ୍ୱ ମହିଳା ମାନଙ୍କୁ ନେଇ ଜିଲ୍ଲାସ୍ତରୀୟ ଲକ୍ଷପତି ଦିଦି କର୍ମଶାଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ଡିପିଏମ୍ ପ୍ରିୟମ୍ବଦା ବିଶୋଇଙ୍କ ଗୁରୁତ୍ୱପୂର୍ଣ୍ଣ ସଭାପତିତ୍ୱରେ ଆୟୋଜିତ କରିଥିବା ବେଳେ ଏଥିରେ କୋରାପୁଟ ଜିଲ୍ଲା ପରିଷଦ ସଭାପତି ସସ୍ମିତା ମେଲେକା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ।ଏହା ବ୍ୟତୀତ ଅତିଥି ଭାବେ ଜିଲ୍ଲାପାଳ ଭି କୀର୍ତ୍ତି ଓ୍ୱାସନ,ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣ୍ଟୁଧର ଶବର,କୋରାପୁଟ ବିଡ଼ିଓ ଦେବାଶିଷ ଗୌଡ଼, ଦଶମନ୍ତପୁର ବିଡ଼ିଓ ମିଲନ କୁମାର ଝାଙ୍କର ଓ ଅନ୍ୟ ବିଡ଼ିଓ ମାନେ ମଧ ଉପସ୍ଥିତ ଥିଲେ ।ଏସଏଚଜି ମହିଳା ଗୋଷ୍ଠୀଙ୍କ ଦ୍ୱାରା ଉତ୍ପାଦିତ ବିଭିନ୍ନ ସାମଗ୍ରୀର ବିକ୍ରିବଟା ପାଇଁ 'କୋଲାବ' ନାମରେ ଏକ ମୋବାଇଲ ଆପ ପ୍ରସ୍ତୁତ କରାଯାଇଛି,ତାହା ସହ ଆର୍ ଏଫ୍ ୧୫ ହଜାରକୁ ୩୦ ହଜାର, ଜିପିଏଲ୍ଏଫ୍ ସିଆଇଏଫ୍ ଫାଣ୍ଠି ପ୍ରଥମ, ଦ୍ୱିତୀୟ, ତୃତୀୟ ର ୩୦ ଲକ୍ଷକୁ ୬୦ ଲକ୍ଷ ଏବଂ ଏସ୍ ଏଚ୍ ଜି ମାନଙ୍କୁ ୫ ଲକ୍ଷରୁ ୧୦ ଲକ୍ଷ ପର୍ଯ୍ୟନ୍ତ ବିନା ସୁଧରେ ଲୋନ ଦେବାକୁ ଏବଂ କମ୍ୟୁନିଟି ସପୋର୍ଟ ଷ୍ଟାଫ ମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ସଂପର୍କରେ ଜିଲ୍ଲାପାଳ ଭି କୀର୍ତ୍ତି ଓ୍ୱାସନ ଅବଗତ କହିଛନ୍ତି । ଏହା ସହ ଆପରେ ଉତ୍ପାଦିତ ସାମଗ୍ରୀକୁ ଲିଙ୍କେଜ କରିପାରିବେ । ତାହା ସହ ଆଜି ପର୍ଯ୍ୟନ୍ତ କୋରାପୁଟ ଜିଲ୍ଲାରେ ୨୦ ହଜାରରୁ ଉର୍ଦ୍ଧ୍ୱ ଲକ୍ଷପତି ଦିଦି ଚିହ୍ନଟ କରାଯାଇଛି ବୋଲି ଜିଲ୍ଲାପାଳ କହିଛନ୍ତି ।ପ୍ରତି ଗାଁରୁ ୫ ଜଣ ଲକ୍ଷପତି ଦିଦି ସୃଷ୍ଟି କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ପ୍ରଦାନ କରିଛନ୍ତି ।ଏହାକୁ ପୂରଣ କରାଯିବ ବୋଲି ସେ ଆଶା ରଖିଛନ୍ତି । ଏହି କର୍ମଶାଳାକୁ ମନରେଗା ଲୋକପାଳ ନଳିନୀ ଟାକ୍ରୀ ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରୋଗ୍ରାମ ମ୍ୟାନେଜର ବି.ସ୍ୱାତୀ ଏବଂ ଆକାଉଣ୍ଟ ଷ୍ଟେଣ୍ଟ୍ ରଶ୍ମିତା ପାତ୍ର ସହଯୋଗ କରିଥିଲେ ।

# ଶ୍ରୀ ଜଗନ୍ନାଥ ପାଞ୍ଚରାତ୍ର ପକ୍ଷରୁ ଆଧାତ୍ମିକ ପରି ଦର୍ଶନ କାର୍ଯ୍ୟକ୍ରମରେ ଅନୁଷ୍ଠିତ

ଭୁବନେଶ୍ୱର (ଭିଓଭି): ଶ୍ରୀ ଜଗନ୍ନାଥ ପାଞ୍ଚରାତ୍ର ପକ୍ଷରୁ ଆଧାତ୍ମିକ ପରି ଦର୍ଶନ କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲାରେ ଶ୍ରୀଜଗନ୍ନାଥ ମନ୍ଦିର, ସିଦ୍ଧି ଭୈରବୀ ମନ୍ଦିର ମା ବାଳ କୁମାରୀ ଓ ମା ବୁଢୀ ଠାକୁରାଣୀ ମନ୍ଦିରକୁ ହୋଇଥିବା ଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଉଛି ଶ୍ରୀ ଜଗନ୍ନାଥ ପାଞ୍ଚରାତ୍ର ପ୍ରଚାର ସମିତି ପକ୍ଷରୁ ସଦସ୍ୟ ଓ ସଦସ୍ୟା ମାନଙ୍କୁ ନେଇ ପ୍ରତି ମାସରେ ଓଡିଶା ର ଜଗନ୍ନାଥ ମନ୍ଦିର ଓ ଅନ୍ୟାନ୍ୟ ଆକାର୍ଷଣୀୟ ଜାଗା ଗୁଡିକୁ ଏକ ଆଧାତ୍ମିକ ପରି ଦର୍ଶନ କାର୍ଯ୍ୟକ୍ରମ କରା ଯାଇଥାଏ । ଅନୁଷ୍ଠାନ ପକ୍ଷରୁ ୧୧. ୩.୨୫ ମଙ୍ଗଳବାର ଦିନ ଗଞ୍ଜାମ ଜିଲ୍ଲାର ଶ୍ରୀ ଜଗନ୍ନାଥ ମନ୍ଦିର, ସିଦ୍ଧି ଭୈରବୀ ମନ୍ଦିର ମା ବାଳ କୁମାରୀ ମନ୍ଦିର ମା ବୁଢୀ ଠାକୁରାଣୀ ମନ୍ଦିର ପରିଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି ଯାତ୍ରା ରେ ପ୍ରାୟ ୫୦ ଜଣ ସଦସ୍ୟ ଓ ସଦସ୍ୟା ଯୋଗ ଦେଇ ବିଭିନ୍ନ ସ୍ଥାନ ପରିଦର୍ଶନ କରି ମନ୍ଦିର ରେ ପ୍ରସାଦ ଭୋଜନ କରି ଥିଲେ, ସ୍ଥାନ ଗୁଡିକ ବହୁତ ସୁନ୍ଦର ଓ ଆକର୍ଷଣୀୟ ଥିଲା । ଏହି କାର୍ଯ୍ୟକ୍ରମ କୁ ଯୁଗ୍ମ ସମ୍ପାଦକ ଶ୍ରୀ ନିରଞ୍ଜନ ଦାଶ ସଂଗଠନ ସମ୍ପାଦକ ଡ଼ ନାରାୟଣ ମହାପାତ୍ର କୋଷାଧକ୍ଷ ସୁରେଶ ମିଶ୍ର କାର୍ଯ୍ୟକାରୀ ସଭ୍ୟ ତ୍ରିଲୋଚନ ନାୟକ, ପ୍ରଶାନ୍ତ ପାତ୍ର, ଭଗବାନ ଦାଶ ଶ୍ରୀନିବାସ ରାଓ ପ୍ରମୁଖ ପରିଚାଳନା କରିଥିଲେ ।



# ଉନ୍ନୟନ କମିଶନର ତଥା ଜଳସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ସ୍ଥାୟୀ ଜଳସେଚନ ପ୍ରକଳ୍ପର କାର୍ଯ୍ୟକାରିତା ସମ୍ପର୍କିତ ବୈଠକ ଅନୁଷ୍ଠିତ



ଭୁବନେଶ୍ୱର, (ଭିଓଭି): ନିରନ୍ତରତା ଭିତ୍ତିରେ କାର୍ଯ୍ୟକାରୀ ହେଉଥିବା ସ୍ଥାୟୀ ଜଳସେଚନ ପ୍ରକଳ୍ପର କାର୍ଯ୍ୟକାରିତା ସମ୍ପର୍କିତ ଏକ ବୈଠକ ଗତ ବୁଧବାର ରାଜ୍ୟ ଉନ୍ନୟନ କମିଶନର ତଥା ଜଳସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ରାଜ୍ୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସୁରେଶ କୁମାର ବଶିଷ୍ଠଙ୍କ ସମେତ ସଂପୃକ୍ତ ବିଭିନ୍ନ ଅଂଶୀଦାର ବିଭାଗର ନିର୍ଦ୍ଦେଶକ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଉନ୍ନୟନ କମିଶନର ତଥା ଜଳସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରମୁଖ ବିଭାଗର କର୍ମଚାରୀମାନଙ୍କୁ ଏହି ପ୍ରକଳ୍ପ କାର୍ଯ୍ୟକାରିତା ନେଇ ସମନ୍ୱୟକୁ ପ୍ରଭାବୀ କରାଇବା ଏବଂ ଧାର୍ଯ୍ୟ ଲକ୍ଷ୍ୟ ଅନୁସାରେ ବ୍ୟୟ ବୃଦ୍ଧି ଉପରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ । ଜଳବାୟୁ ସହନଶୀଳ କୃଷି ପାଇଁ ଓଡ଼ିଶା ସମନ୍ୱିତ ଜଳସେଚନ ପ୍ରକଳ୍ପ (ଓଆଇଆଇପିସିଆରଏ) ଅଧୀନରେ ଚୟନ କରାଯାଇଥିବା ୧୫ଟି ଜିଲ୍ଲାର ୫୩୮ଟି କ୍ଷୁଦ୍ର ଜଳସେଚନ ଟ୍ୟାଙ୍କ, ପୋଖରୀ ବା ଜଳାଶୟରେ ବିଭିନ୍ନ ଜଳବାୟୁ ସ୍ମାର୍ଟ କାର୍ଯ୍ୟକ୍ରମ ଦ୍ୱାରା ଯେଉଁ ଉଲ୍ଲେଖନୀୟ ପ୍ରଭାବ ପକାଇଛି, ସେ ସମ୍ପର୍କରେ ଉପସ୍ଥାପନ କରାଯାଇଥିଲା । ମୁଖ୍ୟ କାର୍ଯ୍ୟ ମଧ୍ୟରେ ସିଭିଲ କାର୍ଯ୍ୟ ଯଥା ଡ୍ୟାମ୍ ପ୍ରୋଫାଇଲର ପୁନଃ ବିଭାଗକରଣ; ୧୫୭ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପରେ ପଥର ପୁନଃ ପ୍ୟାକିଂ ଜରିଆରେ ଡ୍ୟାମକୁ ସୁଦୃଢ଼ କରିବା ପାଇଁ ଟର୍ଫିଂ କାର୍ଯ୍ୟ ହାତକୁ ନିଆଯାଇଥିବା ବେଳେ କମାଣ୍ଡ ଅଞ୍ଚଳର ୪୫୦୦ ହେକ୍ଟରକୁ ଜଳସେଚନ ଜଳ ପହଞ୍ଚାଇବା ପାଇଁ ୧୮୯ କିମି କ୍ଷେତ୍ର ପ୍ରଣାଳୀ ନିର୍ମାଣ କରାଯାଇଛି । କୃଷି ଯାନ୍ତ୍ରୀକରଣ ପାଇଁ ଟ୍ୟାଙ୍କ ଅଂଚଳର ପାଣି ପଞ୍ଚାୟତମାନଙ୍କୁ ୧୧୩ଟି କଷ୍ଟମ ହାୟାରିଂ ସେଣ୍ଟର ସହାୟତା ପ୍ରଦାନ କରାଯାଇଛି । ଜଳବାୟୁ ସ୍ମାର୍ଟ ଏଗ୍ରିକଲଚର ଏବଂ ଉଦ୍ୟାନ କୃଷି ପଦ୍ଧତି ଆପଣେଇବା ପାଇଁ ୬୧୮୦ ହେକ୍ଟର ଜମିକୁ ଅତିରିକ୍ତ ଜଳସେଚନ ଯୋଗାଇବା ପାଇଁ ୧୨୩୬ଟି ସୌର ନଳକୂପ; ଅମଳ ପରେ ପନିପରିବା ପ୍ରକ୍ରିୟାକରଣ, ଗ୍ରେଡିଂ, ସଂରକ୍ଷଣ ପାଇଁ ୬୮୮ ପ୍ୟାକ୍ ହାଉସ୍; ଅମଳ ପରବର୍ତ୍ତୀ କ୍ଷତିକୁ ଏଡ଼ାଇବା ଏବଂ ବଜାର ମୂଲ୍ୟର ଉତ୍ତମ ଉପଲବ୍ଧି ପାଇଁ ୧୨୫ ମେଟ୍ରିକ୍ ଟନ୍ କ୍ଷମତାର ଶୀତଳ କୋଠରୀ ବ୍ୟବସ୍ଥା; ଶୁଖିବା, କ୍ୟାନିଂ, ଫ୍ରିଜିଂ କିମ୍ବା ଅନ୍ୟ ସଂରକ୍ଷଣ ପଦ୍ଧତି ମାଧ୍ୟମରେ ମୂଲ୍ୟ ବୃଦ୍ଧି ପାଇଁ ୫୯୨ ସଂରକ୍ଷଣ ୟୁନିଟ୍; ପନିପରିବା ସଂରକ୍ଷଣ ଏବଂ ଅଭାବୀ ବିକ୍ରିକୁ ଏଡ଼ାଇବା ପାଇଁ ୧୩୧ଟି ପରିବା (ସବ୍ଜି) କୁଲର ଏବଂ ଉପଭୋକ୍ତାଙ୍କୁ ନିୟମିତ ଯୋଗାଣ ବୃଦ୍ଧି ଏବଂ ମୂଲ୍ୟ ଅସ୍ଥିରତାକୁ ନିୟନ୍ତ୍ରଣ କରିବା ପାଇଁ ୩୪୪ଟି ପିଆଜ ସଂରକ୍ଷଣ ବ୍ୟବସ୍ଥା କରାଯାଇଛି । ଏହାବ୍ୟତୀତ ମାଛ ଉତ୍ପାଦନ ବୃଦ୍ଧି ପାଇଁ ମହିଳା ଏସଏଚଜି/ପିଏଫସିଏସ/ ପାଣିପଞ୍ଚାୟତମାନଙ୍କୁ ୮୪୬.୨୭ ହେକ୍ଟର ଜମିରେ ବୈଜ୍ଞାନିକ ମତ୍ସ୍ୟ ଚାଷକୁ ସମର୍ଥନ କରାଯାଇଛି । କମ୍ ଅଞ୍ଚଳରେ ଏକାଧିକ ପ୍ରଜାତି ଚାଷ ପାଇଁ ୫୧୮ ଟି ଜୈବ-ଫ୍ଲକ ୟୁନିଟ୍; ଉତ୍ତମ ଏବଂ ଠିକ୍ ସମୟରେ ମାଛ ଅମଳ ପାଇଁ ୨୯୭ ଟି ମାଛଧରା ଡ୍ରାଗ ଜାଲ; ଦ୍ରୁତ ବଜାର ସୁବିଧା ପାଇଁ ୫୭ଟି ମାଛ ମାର୍କେଟିଂ ଗାଡି ସହାୟତା ଦିଆଯାଇଛି । ଏହାବ୍ୟତୀତ ମାଟିରେ ୧୦.୮୮ ଲକ୍ଷ କେଜି ନାଇଟ୍ରୋଜେନ୍ ସାର ମିଶାଯାଇଛି । ୧୩୬୦୪ ହେକ୍ଟର ଜମିରେ ସବୁଜ ସାର ମାଧ୍ୟମରେ ୨୩୬.୭୧ କିଲୋଗ୍ରାମ ଅଙ୍ଗାରକାମ୍ଳ ନିଷ୍କାସନ ଏବଂ ୬୮୯୫ ହେକ୍ଟରରେ ଶୁଖିଲା ଡିଏସଆର ଗ୍ରହଣ କରି ୧.୯୨ ଲକ୍ଷ କିଲୋଗ୍ରାମ ମିଥେନ୍ ନିର୍ଗମନ ହ୍ରାସ ପାଇଛି ।

# ନୂତନଭାବେ ନିର୍ମାଣାଧିନ ଷ୍ଟାଡ଼ିଅମରୁ ଦାମୀ କଏଲ ଚୋରି ପୋଲିସ୍ ପେଟ୍ରୋଲିଙ୍ଗ କରିବାକୁ ନେଇ ଦାବି



ତାଳଚେର, (ଭିଓଭି): ତାଳଚେର ଟାଉନ ଥାନା ଠାରୁ ମାତ୍ର ୫ଶହ ମିଟର ଦୂର ରାଜବାଟି ନିକଟରେ ନୂତନ ଭାବେ ନିର୍ମାଣାଧିନ ଷ୍ଟାଡ଼ିଅମରୁ ବାରମ୍ବାର ଚୋରି ହେବାଯୋଗୁଁ କାର୍ଯ୍ୟରତ କର୍ମଚାରୀ ଓ ଠିକାଦାର ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ସେମାନେ ଏହା ଅଭିଯୋଗ କରିଛନ୍ତି । ଘଟଣାରୁ ପ୍ରକାଶ, ଏହି ଷ୍ଟାଡ଼ିଅମଟିକୁ ନିର୍ମାଣ କରିବାକୁ ବିଭିନ୍ନ ସ୍ୱଚ୍ଛାସେବୀ ସଂଗଠନ ତାଳଚେର ଅଂଚଳବାସୀ ତଥା ଗଣମାଧ୍ୟମ ପ୍ରତିନିଧିମଙ୍କ ପକ୍ଷରୁ ସ୍ୱର ଉତୋଳନ ପରେ କ୍ରୀଡ଼ାର ଆବଶ୍ୟକତାକୁ ଅନୁଧାନ କରି ଷ୍ଟାଡ଼ିଅମର ପରିକଳ୍ପନା କରାଯାଇଥିଲା ଓ ବିଳମ୍ବରେ ହେଲେ ମଧ୍ୟ କାର୍ଯ୍ୟକାରୀ ହେଲା। ମାତ୍ର ପରିତାପର ବିଷୟ ପୋଲିସ୍ ପେଟ୍ରୋଲିଙ୍ଗ ଦୁର୍ବଳତା ଯୋଗୁଁ ଦୃର୍ବୃତମାନେ ବିଳମ୍ବିତ ରାତ୍ରୀରେ ୧.୫ ଓ ୨.୫ ନମ୍ବର କପର କଏଲ ଯାହାରକି ଆନୁମାନିକ ମୂଲ୍ୟ ୩ଲକ୍ଷ ଟଙ୍କା ହେବ ଦୃର୍ବୃତମାନେ ସେଠାରୁ ନେଇ ଚମ୍ପଟ ମାରିଥିଲେ ଓ ଛାତତଳେ ଲାଗିଥିବା ନୂତନ ସିଲିଙ୍ଗକୁ ଭାଙ୍ଗି ସେଥିରୁ କେବୁଲ କାଟୁଥିବା ଅବସ୍ଥାରେ ଏକ ଦୃର୍ବୃତ ତଳେ ଖସିପଡ଼ିବାରୁ ଅନ୍ୟମାନେ ସେଠାରୁ ପଳାଯାଇଥିଲେ । ଏପରିକି, ଦିନ ଦ୍ୱିପ୍ରହରେ ଅସାମାଜିକ ଯୁବକମାନେ ସେହି ଷ୍ଟାଡ଼ିଅମ ଅନାଧିକାର ଭାବେ ପ୍ରବେଶ କରିଥାନ୍ତି । ଏଥିରେ ଠିକାଦାରଙ୍କ କର୍ମଚାରୀମାନେ ବାରଣ କରିବାରୁ ମାରଧର କରିବା ସହ ଅଶାଳିନ ଭାଷା ପ୍ରୟୋଗ କରିଥାନ୍ତି ବୋଲି କର୍ମଚାରୀମାନେ ଏହା ଅଭିଯୋଗ କରିଛନ୍ତି। ଏସମ୍ପର୍କରେ ଠିକାଦାର କର୍ମଚାରୀମାନେ ତାଳଚେର ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ୍ ଦୁଇ ତିନିଜଣଙ୍କୁ ଆଣି ପଚରାଉଚରା କରିଛି । ଏବେ ଏହାର ସୁରକ୍ଷାନେଇ ଉଠିଛି ପ୍ରଶ୍ନ ? ତେଣୁ ପୋଲିସ୍ ପେଟ୍ରୋଲିଙ୍ଗ କରିବା ସହ ସେଠାରେ ପୋଲିସ୍ କର୍ମଚାରୀ ନିୟୋଜିତ କରିବାକୁ ଦାବି ହେଉଛି ।

# ନାଳ ସାଜିଛି କାଳ, ପୋଲ ନିର୍ମାଣ ଦାବି



ଫିରିଙ୍ଗିଆ (ଭିଓଭି): ସ୍ୱାଧୀନତା ର ବହୁ ବର୍ଷ ପରେ ଅନେକ ଦୁର୍ଗମ ଅଞ୍ଚଳ କୁ ରାସ୍ତା ଓ ପୋଲ ନାହିଁ । ଏମିତି ଦୃଶ୍ୟ ଦେଖିବା ମିଳିଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ କୁଏରିମାଣ୍ଡୁ ପଞ୍ଚାୟତର ୯ ନମ୍ବର ୱାର୍ଡ଼ ବାସୀ । ଗାଁ କୁ ନିତିଦିନିଆ ରାସ୍ତା ନଥିବାରୁ ଲୋକମାନେ ବର୍ଷ ବର୍ଷ ସାରା ଏକ ନାଳ ଅତିକ୍ରମ କରୁଛନ୍ତି । କୁଏରିମାଣ୍ଡୁ ପଞ୍ଚାୟତ ଅଧୀନ ରେ ଥିବା କାଲାପିସାରି, ତିତେରିପାଲା, ଗାଁ ୨୨ ଉର୍ଦ୍ଧ ପରିବାର ପାଇଁ ନାଳ ସାଜିଛି ବାଧକ । ଏହି ନାଳ ଦେଇ ପ୍ରତିଦିନ କୋମଳମତି ଛାତ୍ର ଛାତ୍ରୀ ନାଳ ଦେଇ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ର କୁ ଯାତାୟତ କରନ୍ତି । ଅଞ୍ଚଳ ବାସୀ ଜୀବନଜୀବିକା ଓ ପିଡିଏସ ସାମଗ୍ରୀ, ଭତ୍ତା ପାଇଁ ପଞ୍ଚାୟତ କାର୍ଯ୍ୟାଳୟ କୁ ଏହି ନାଳ ଅତିକ୍ରମ କରିବାକୁ ପଡୁଛି । ଆମ୍ବୁଲାନ୍ସ ପହଞ୍ଚି ପାରୁନଥିବା ରୁ ଗ୍ରାମରେ କୌଣସି ଅସୁସ୍ଥ ଏବଂ ଗର୍ଭବତୀ ଙ୍କୁ ଲୋକେ ଦୋଳା ବା ଖଟିଆ ରେ ବୋହି ନାଳ ଅତିକ୍ରମ ସ୍ୱାସ୍ଥ୍ୟ କେନ୍ଦ୍ର କୁ ନେଇଥାନ୍ତି । ସବୁଦିନିଆ ରାସ୍ତା ଓ ନାଳ ଉପରେ ପୋଲ ନିର୍ମାଣ ପାଇଁ ବହୁ ବାହାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି ତଥାପି କୌଣସି ସୁଫଳ ମିଳୁନଥିବା ନାଦୁ କହଁର, ସର୍କିତନ ଦିଗାଲ, କୈଳାସ କହଁର, ପିତାମ୍ବର କହଁର, ରମେଶ କହଁର,ମୁନିରାଜ୍ କହଁର, ପୁରାଙ୍ଗା କହଁର,କେସବ କହଁର,ଅନନ୍ତ କହଁର, ସମେତ ଗ୍ରାମ ବାସୀ ଦାବି କରିଛନ୍ତି ।

## ଶ୍ରୀ ରଘୁନାଥଜୀଉଙ୍କ ମନ୍ଦିର ପ୍ରାଙ୍ଗଣ

# ବିପଦପୂର୍ଣ୍ଣ ଟ୍ରାନ୍ସଫର୍ମର ସ୍ଥାନାନ୍ତର କରି ପ୍ରାଙ୍ଗଣ ପ୍ରଶସ୍ତି କରଣ ପାଇଁ ଦାବି



ଓଡଗାଁ (ଆଦର୍ଶ କୁମାର ପଟ୍ଟନାୟକ): ନୟାଗଡ଼ ଜିଲ୍ଲାର ଆଧ୍ୟାତ୍ମିକ ପ୍ରାଣକେନ୍ଦ୍ର ଓଡ଼ଗାଁ ଠାରେ ବିରାଜିତ ସ୍ୱର୍ଣ୍ଣ କଳସ କ୍ଷେତ୍ର ରେ ବିଜେ ଶ୍ରୀ ରଘୁନାଥଜୀଉଙ୍କ ମନ୍ଦିର ସୌନ୍ଦର୍ଯ୍ୟକରଣ ପାଇଁ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ସାନ ସିଂହ ଦ୍ୱାର ଭାବେ ପରିଚିତ ଫାଟକକୁ ଦେଖିଲେ ପର୍ଯ୍ୟଟକ ମାନେ ନିରୁତ୍ସାହିତ ମନେ କରନ୍ତି । ଗୋଟିଏ ଅଣ ଓସାରିଆ ଫାଟକରେ ଗୋଟିଏ ପାର୍ଶ୍ୱରେ ଟ୍ରାନ୍ସଫର୍ମର ସହିତ ଏଲଟି ବିଦ୍ୟୁତ୍ ଖୁଣ୍ଟରେ ବିଦ୍ୟୁତ୍ ତାରାଗୁଡ଼ିକ ଛନ୍ଦି ହୋଇ ବୁଢ଼ିଆଣୀ ଜାଲର ଭ୍ରମ ସୃଷ୍ଟି କରୁଛି । ଅନ୍ୟ ପାର୍ଶ୍ୱରେ ପଲିଥିନ ଘୋଡାହୋଇ ରହିଛି ଉଠା ଦୋକାନ। ଆସନ୍ତା ଏପ୍ରିଲ ମାସ ୬ ତାରିଖରେ ଶ୍ରୀରାମ ନବମୀରେ ରାମ ଜନ୍ମ ବିଧାନ ଦେଖିବା ସହିତ ୧୦ ଦିନ ବ୍ୟାପୀ ଶ୍ରୀରାମ ନବମୀ ଯାତ୍ରା ଦେଖିବାକୁ ହଜାର ହଜାର ସଂଖ୍ୟାରେ ଜଣ ସାମଗମ ହେବ । ଏପରିକି କେବଳ ସନ୍ଧ୍ୟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ସୀତା ବିବାହ, ରାବଣପୋଡ଼ି, ଶ୍ରୀରାମଙ୍କ ସିଂହାସନ ଆରୋହଣ ତଥା ଶ୍ରୀରାମାଭିଷେକ ଦୃଶ୍ୟକୁ ସନ୍ଦର୍ଶନ କରିବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁସଂଖ୍ୟାରେ ଦର୍ଶନାର୍ଥି ଏଠାକୁ ଆଗମନ କରିବାର ନଜୀର ରହିଛି । ମୁଖଶାଳାରୁ ଯେପରି ମନ୍ଦିରର ସୌନ୍ଦର୍ଯ୍ୟ ବାରି ହୋଇପଡ଼ିଥାଏ, ଠିକ୍ ସେହିପରି ଫାଟକକୁ ମନ୍ଦିର ପ୍ରାଙ୍ଗଣର ସ୍ଥିତିକୁ ଅନୁମେୟ କରାଯାଇଥାଏ । ସୀତା ବିବାହରେ ବରକନ୍ୟାଙ୍କର ଶୋଭାଯାତ୍ରା ବେଳେ ମନ୍ଦିର ଫାଟକ କମ୍ ପଡ଼ିଯାଏ । ଏଥିପାଇଁ ବହୁ ସମସ୍ୟା ସୃଷ୍ଟି ହୁଏ । ଅଣଓସାରିଆ ଫାଟକ ଯୋଗୁଁ ଶୋଭାଯାତ୍ରାକୁ ସଙ୍କୁଚିତ କରାଯାଇଥାଏ । ଚଳିତ ବର୍ଷ ଏହାର ପୁନରାବୃତି କରାଯାଉ । ଫାଟକର ପଶ୍ଚିମ ପାର୍ଶ୍ୱରେ ଥିବା ବିଦ୍ୟୁତ ଟ୍ରାନ୍ସଫର୍ମର ଏବଂ ଏଲଟି ବିଦ୍ୟୁତ୍ ଖୁଣ୍ଟକୁ ଅନ୍ୟତ୍ର ସ୍ଥାନନ୍ତର କାରାଯାଇ ଫାଟକକୁ ବିସ୍ତାରିତ କରାଯାଉ । ଅବିଳମ୍ବେ ଯାତ୍ରାର ବହୁ ପୂର୍ବରୁ ମନ୍ଦିର ପରିସରରେ ଥିବା ଅସ୍ଥାୟୀ ଦୋକାନୀଙ୍କୁ ନିର୍ମାଣ ହୋଇଥିବା ନୂଆ ମାର୍କେଟ ବିଲଡିଙ୍ଗକୁ ସ୍ଥାନାନ୍ତର କରାଯାଉ । ପର୍ଯ୍ୟଟକ ଏବଂ ଶ୍ରଦ୍ଧାଳୁ ମାନଙ୍କ ନିମନ୍ତେ ମନ୍ଦିର ପରିସର ସ୍ୱଚ୍ଛତା ରକ୍ଷାକରି ସୌନ୍ଦର୍ଯ୍ୟତା ବୃଦ୍ଧି କରିବାକୁ ସାଧାରଣରେ ଦାବି ହେଉଛି ।

# କେନ୍ଦୁପଦର କଲେଜରେ ଅଧପାନ୍ତରିଆ ୫ ଟି କାମ



ଆସିକା (ଭିଓଭି):ଗଞ୍ଜାମ ଜିଲ୍ଲା ଆସିକା କେନ୍ଦୁପଦର ସ୍ଥିତ ନିମିନା ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟରେ ୦୫ଟି କାମ ଅଧପାନ୍ତରୀୟକ୍ଷ ହୋଇ ପଡି ରହିଛି କ୍ଷ ଗତ ସରକାରଙ୍କ ୦୫ ଟି କାମରେ ଏକ କୋଟି ପଚାଶ ଲକ୍ଷ ଟଙ୍କା ଅର୍ଥ ରାଶି ବ୍ୟୟ କରି ସୁନ୍ଦର ଭାବେ କଲେଜକୁ ଗଢି ତୋଳିବା ପାଇଁ ଉଦ୍ଦେଶ୍ୟ ଥିଲା । ପିଲାମାନଙ୍କ ସୁବିଧକ୍ଷ ପାଇଁ ପାଠ ଶାଳା, ନୂତନ ଶ୍ରେଣୀ ଗୃହ,ଖେଳ ପଡିଆ, ପ୍ରବେଶ ଦ୍ୱାରା,ପ୍ରୟୋଗ ଶାଳା, ଶୌଚାଳୟ, କମନ ରୁମ୍, ଆଦି ତିଆରି ପାଇଁ ସ୍ଥିର ହେଲା । କିନ୍ତୁ ସେତେବେଳର ସରକାର ଯାଇ ଆଉ ଏକ ସରକାର ଆସିବା ର ଆଠ ମାସ ହୋଇଥିଲେ ମଧ୍ୟ କଲେଜକୁ ଆସିଥିବା ଅର୍ଥ ରାଶି ଖର୍ଚ୍ଚ ନହୋଇ ପଡି ରହିଛି । ଯାହା ଫଳରେ ଏହି କଲେଜ ରେ ରସାୟନ ବିଜ୍ଞାନ ର ପ୍ରୟୋଗଶାଳା ନିର୍ମାଣ ହୋଇନାହିଁ, ପୁଅ ଓ ଝିଅ ମାନଙ୍କ ପାଇଁ ଶୌଚାଳୟ ତିଆରି, ପୁଅ ମାନଙ୍କ ପାଇଁ କମନ ରୁମ୍, କଲେଜର ପ୍ରବେଶ ଦ୍ୱାର ନିର୍ମାଣ ନହୋଇ ଅଧପନ୍ତରିଆ ହୋଇ ପଡି ରହିଛି । ଏହି ବିଷୟ ଉପରେ କଲେଜ ଅଧକ୍ଷ ହରି ଶଙ୍କର ପାଣ୍ଡେଙ୍କୁ ପଚାରିବାରୁ ସବୁ କାମ ଅଧପନ୍ତରିଆ କରି ପକାଇଛନ୍ତି । ଆଗକୁ ପରୀକ୍ଷା ଥିବାରୁ ଆମେ ବିଡ଼ିଓ ଙ୍କୁ ଚିଠି ଦେଉଛୁ । କିନ୍ତୁ ଫଳ ଶୂନ ହେଉଛି । କିନ୍ତୁ ଗୋଷ୍ଠି ଉନ୍ନୟନ ଅଧିକାରୀ ସାଗରୀକା ଷଡ଼ଙ୍ଗୀଙ୍କୁ ପଚାରିବାରୁ ସେତେବେଳେ ଏହି କାମ ଦାୟିତ୍ୱ ରେ ଥିବା କନିଷ୍ଠ ଯନ୍ତ୍ରୀ କୁଆଡେ ଶିକ୍ଷା ବିଭାଗକୁ ବଦଳି ହୋଇଯାଇଛି । ଅଳ୍ପ ଦିନ ମଧ୍ୟରେ କାମ ଶେଷ କରିବାକୁ ନିର୍ଦ୍ଦେଶ ଦିଆ ଯାଇଛି କ୍ଷ ଜିଲ୍ଲାପାଳ ଏଥି ପ୍ରତି ଦୃଷ୍ଟି ଦେବାକୁ ଶିକ୍ଷାବିତ ମାନେ ଦାବୀ କରୁଛନ୍ତି ।

# ନାଳ ପାଣି ହିଁ ଭରଷା, ମିଳୁନାହିଁ ପାନୀୟଜଳ

ଖଜୁରୀପଡା, (ଭିଓଭି): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ପାଇରାଜୁ ପଞ୍ଚାୟତ ୮ ନମ୍ବର ୱାର୍ଡ଼ ଗୋବରନଳା ଗାଁ ଅନ୍ତର୍ଗତ ଡିଗେରସୁଗା,



ଗଞ୍ଜୁ ସୁଗା ସାହିରେ ପାନୀୟଜଳ ଜଳ ସମସ୍ୟା କୁ ନେଇ ଅଭିଯୋଗ କରିଛନ୍ତି ଗ୍ରାମ ବାସୀ । ଦୀର୍ଘ ବର୍ଷରୁ ଏଠାକାର ଦୁଇ ସାହିର ଲୋକେ ନାଳ ପାଣି ବ୍ୟବହାର କରୁଥିବା ଦେଖିବାକୁ ମିଳିଛି। ଖରା ବର୍ଷା ଦିନେ ପାନୀୟଜଳ ପାଇଁ ଅଞ୍ଚଳ ବାସୀ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବା ଦେଖିବାକୁ ମିଳିଛି । ଖରା ଦିନେ ନାଳ ଚୁଆ ପାଣି ବ୍ୟବହାର କରୁଥିବା ବେଳେ ବର୍ଷା ଦିନେ ବହୁତ ଅସୁବିଧା ସମ୍ମୁଖୀନ ହେଉଥିବା କହିଛନ୍ତି । ଅନ୍ୟ ପଟେ ଏହି ପାନୀୟଜଳ ଅସୁବିଧାକୁ ନେଇ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ ସୁଦ୍ଧା କେହି ଶୁଣୁନାହାନ୍ତି ବୋଲି କହିଛନ୍ତି । ସରକାର ପାନୀୟଜଳ ସୁବିଧା ପାଇଁ ଅନେକ ଯୋଜନା ପ୍ରସ୍ତୁତ କରନ୍ତି ସତ କିନ୍ତୁ କେତେକ ସ୍ଥାନରେ ଆଜି ଚୂଆ ନାଳ ପାଣି ବ୍ୟବହାର କରୁଥିବା ଦେଖିବାକୁ ମିଳିଛି। ତେଣୁ ପ୍ରଶାସନ ଏଥିପ୍ରତି ସଠିକ ଦୃଷ୍ଟି ଆକର୍ଷଣ କରିବା ସହ ଡିଗେରସୁଗା ଗଞ୍ଜୁ ସୁଗା ସାହିରେ ନଳକୂପ ନିର୍ମାଣ ପାଇଁ ଗ୍ରାମ ବାସୀ ପାଲେଶ୍ୱର କହଁର, ରିପୁ କହଁର ଦୁଆନା କହଁର, ପ୍ରହି କହଁର, ପ୍ରଶାନ୍ତ କହଁର,ପେଟିରି କହଁର, ନର୍ମଦା କହଁର, ବୃନ୍ଦାବତୀ କହଁର, ନିଦ୍ରାବତୀ କହଁର ,ନିଭିଦତିଅ କହଁର ,ଜନେକ କହଁର,ରୂପ ଦିଗାଲ, ରଞ୍ଜିତ ଦିଗାଲ ସମେତ ପୂର୍ବତନ ମେମ୍ବର ଯଗିତ କହଁର ଦାବି କରିଛନ୍ତି ।

# BHARAT'S TECHNOLOGICAL GROWTH



Mr. Sarbeswar Behera

Technology is key to economic prosperity, domestic manufacturing and creation of wealth for the people and the nation. Out of a polity of more than 200 nations, 60% of the world manufacturing is confined into 4 countries viz., China, US, Japan and Germany. By virtue of technology, Japan is having 8% share in world manufacturing with just 1.6% of world population. Bharat has only 3% share in world manufacturing, inspite of 17.6% in world Population. For crucial technologies in various sectors, country has to import most of the high technology components needed for manufacturing in the domestic assembly lines. Therefore, the country has to board rapidly on the path of developing technologies crucial for import substitution as well as technologies for next gen products. Rightly identifying this need to develop technology for the manufacture of original equipments and intermediates for all kinds of manufacturing, the country has announced the intent to be the knowledge superpower in the NEP 2020.

Technologies including nanotechnology, quantum computing, block chain, cloud services, virtual reality, 5G technology, and more hold immense potential to drive innovation, enhance efficiency, and create new opportunities. Their impact extends beyond traditional boundaries, revolutionizing the way we live, work and interact. There is an explosion of technologies, which are likely to revolutionize our daily life. Hence the nation should take a lead and sustain it for technological self-reliance.

Internet of Things (IoT) connects everyday objects to the internet, and enable them to send and receive data. This technology has the potential to create smart homes, cities, and industries, improving, efficiency, reducing costs, and enhancing connectivity. Mechatronics, robotics and automation technologies disrupt industries by streamlinig operations, increasing precision, and enhancing safety through the use of intelligent machines. Renewable energy technologies, such as solar, wind and tidal power, hold the potential to revolutionize the energy sector by offering sustainable and clean alternatives to traditional energy sources. Biotechnology and genetic engineering have the potential to transform healthcare, agriculture and environmental conservation through advancements in personalized medicine, genetically modified crops, and bioremediation. Augmented Reality (AR) and Virtual Reality (VR) technologies offer immersive and interactive experiences, with applications in gaming entertainment, education, and training. Clean technologies, encompassing waste management solutions, water purification systems, and energy efficient technologies, aim to minimize environmental impact. Quantum computing holds the promise of exponentially increasing computational power, enabling complex calculations and advancements in cryptography, optimization, drug discovery, and materials science. These potential disruptive technologies represents exciting opportunities for innovation, economic growth, and societal advancement. As they continue to evolve, their transformative impact on various sectors and the overall fabric of society is expected to grow significantly.

Rapid emergencies of new technologies has begun to disrupt existing capacities in every sector. Rapid obsolescence of technologies in every sector necessitates timely updations in every sector. A first mover advantage can offer a treasure of opportunities. Thus, disruptive technologies offer immense opportunities; however, they present some challenges too that need to be addressed. The rapid pace of technological advancement requires individuals and organizations to adapt and acquire new skills. Ensuring that the work force is equipped with the necessary digital literacy and technical expertise is also essential. Additionally, there is a need to bridge the digital divide and ensure equal access to technology across different sections of society. By proactively addressing these challenges, Bharat can unlock he full potential of disruptive technologies and pave the way for a tech driven future.

Bharat is actively responding to the challenge posed by disruptive technologies through various initiatives. Educational programs, up skilling, and reskilling initiatives are being implemented to bridge the skills gap and prepare individual for the evolving job market. Government and regulatory bodies are working to create an enabling environment through the development of policies and regulations that address cancers related to privacy, security and ethics. International collaborations and partnerships facilitate knowledge sharing and collaboration on common challenges. Investments in R &D, innovations hubs, and startup support systems ensure a continued focus on technological advancements. Public awareness campaigns and education initiative aim to promote responsible and inclusive use of disruptive technologies. By taking proactive measures, society strives to embrace disruptive technologies while mitigating negative impacts and ensuring equitable access to their benefits. These collective efforts demonstrate a commitment to leveraging disruptive technologies for societal progress and sustainable development.


**Advocate**
**9437016384**

# Honey Bee The Miracle Insect



Dr Yashaswi Nayak

Nature has gifted the world with countless fascinating creatures, but few are as remarkable and essential as the honey bee. These tiny, winged insects are often taken for granted, yet they play an indispensable role in maintaining ecological balance and sustaining human agriculture. From their complex social structure to their incredible ability to produce honey, honey bees truly deserve the title of a 'miracle insect.'




**The Social Structure of Honey Bees**

Honey bees live in highly organized colonies, functioning as a perfect example of teamwork and efficiency. A colony consists of three primary types of bees: the queen, the workers, and the drones. Each member has a specific role:

**Queen Bee :** The sole egg layer of the colon y, she can lay up to 2,000 eggs per day and emits pheromones to regulate the hive's social order.

**Worker Bees :** These female bees perform various tasks such as foraging for nectar, nursing larvae, maintaining the hive, and defending against threats.

**Drone Bees :** Male bees whose primary purpose is to mate with a queen. After mating, they die, having fulfilled their role.

**Pollination: A Gift to Nature**

One of the most vital contributions of honey bees to the environment is pollination. As they collect necta r from flowers, they transfer pollen from one bloom to another, aiding in the fertilization of plants. This process is crucial for the produc-



Apis dorsata on Red Dahlia Flower — Apis florea on Graden Dahlia — Apis cerana indica on Sun Flower

tion of fruits, vegetables, and seeds. It is estimated that about 75% of global food crops depend on pollinators like honey bees, making them indispensable for food security and biodiversity.




**The Art of Honey--Making**

Honey bees possess the unique ability to produce honey, a natural sweetener with numerous health benefits. Worker bees collect nectar, break it down using enzymes, and store it in honeycombs where water evaporates, leaving behind thick, golden honey. This stored honey serves as food for the colony, particularly during the winter months when flowers are scarce. Humans have harvested honey for centuries, valuing it for its medicinal properties and nutritional value.

**The Wonders of Beeswax and Royal Jelly**

In addition to honey, bees produce beeswax and royal jelly, both of which have significant uses. Beeswax is used in candles, cosmetics, and even medicine, while royal jelly is known for its rich nutrients and is often used as a health supplement. These produc ts further highlight the honey bee's ability to contribute to both nature and human well-being.

**Threats to Honey Bees and the Need for Conservation**

Despite their invaluable contributions, honey bees face numerous threats, including habit at loss, pesticide exposure, climate change, and colony collapse disorder (CCD). A decline in honey bee populations could have devastating effects on global agriculture and ecosystems. Conservation efforts, such as planting bee friendly flowers, reducing pesticide use, and supporting sustainable beekeeping, are essential to protect these incredible insects.

**Conclusion**



Honey bees are more than just insects; they are nature's miracle workers. Their role in pollination, honey production, and ecological balance makes them an indispensable part of our world. By understanding their significance and taking steps to protect them, we ensure a healthier planet for future generations. It is our responsibility to safeguard these tiny yet powerful creatures that contribu te so much to life on Earth.

Dean, School of Applied sciences
"Centurion University of Technology and Management, Odisha
Email id: ashaswi.nayak@cutm.ac.in

# ଶ୍ରୀମନ୍ଦିରରେ ଦିବ୍ୟାଙ୍ଗଙ୍କ ପାଇଁ ହ୍ୱିଲ୍‌ଚେୟାର ବ୍ୟବସ୍ଥା ପ୍ରସଙ୍ଗ: ଭିତରଗୁମୁଟ ନିକଟରେ ୪ମାସ ମଧ୍ୟରେ ରାମ୍ପ୍ ନିର୍ମାଣ ହେବ

କଟକ (ଭିଓଭି): ପୁରୀ ଶ୍ରୀମନ୍ଦିରକୁ ହ୍ୱିଲ୍‌ଚେୟାର ମାଧ୍ୟମରେ ଦିବ୍ୟାଙ୍ଗଙ୍କ ପ୍ରବେଶ ପାଇଁ ବ୍ୟବସ୍ଥା ପ୍ରସଙ୍ଗକୁ ନେଇ ହାଇକୋର୍ଟରେ ବିଚାରାଧୀନ ଜନସ୍ୱାର୍ଥ ମାମଲାରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ତରଫରୁ ସତ୍ୟପାଠ ଦାଖଲ କରାଯାଇଛି। ସତ୍ୟପାଠରେ ଉଲ୍ଲେଖ କରାଯାଇଛି ଯେ ବର୍ତ୍ତମାନ ଉତ୍ତରଦ୍ୱାରରୁ ବାହାରଗୁମୁଟ ଓ ବାହାରଗୁମୁଟରୁ ଉତ୍ତରଦ୍ୱାର ଭିତରଗୁମୁଟ ପର୍ଯ୍ୟନ୍ତ ରାମ୍ପ୍ ରହିଛି। ସେହିପରି ଘଣ୍ଟି ଦ୍ୱାର ନିକଟ ଭିତର ବେଢ଼ାଠାରୁ ନାଟମଣ୍ଡପ ପର୍ଯ୍ୟନ୍ତ କାଠ ରାମ୍ପ୍ ବ୍ୟବସ୍ଥା ରହିଛି। ତେବେ ଭିତରଗୁମୁଟରୁ ଭିତର ବେଢ଼ାକୁ ପ୍ରବେଶ ପାଇଁ ପାହାଚ ରହିଛି। ଏଠାରେ ଦିବ୍ୟାଙ୍ଗଙ୍କ ଅନୁକୂଳ ପଥ ବା ରାମ୍ପ୍ କରିବା ପାଇଁ ବ୍ୟୟ ଅଟକଳ କରାଯାଇଛି। ରାମ୍ପ୍ ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି। ଟେଣ୍ଡର ଚୂଡ଼ାନ୍ତ ହେବା ପରେ ନିର୍ମାଣ କାମ ଆରମ୍ଭ





ହେବ। ୪ ମାସ ମଧ୍ୟରେ ଏହି କାର୍ଯ୍ୟ ସଂପୂର୍ଣ୍ଣ ହୋଇପାରେ ବୋଲି ସତ୍ୟପାଠରେ ଦର୍ଶାଯାଇଛି। ଶୁଣାଣି ସମୟରେ ଆବେଦନକାରୀ ଏହି ମାମଲାରେ ଜାନୁଆରି ୨୨ରେ ପ୍ରଦାନ କରାଯାଇଥିବା ନିର୍ଦ୍ଦେଶ ପ୍ରସଙ୍ଗରେ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହ୍ୱିଲ୍‌ଚେୟାର ମାଧ୍ୟମରେ ଦିବ୍ୟାଙ୍ଗଙ୍କ ପ୍ରବେଶ ପାଇଁ ବ୍ୟବସ୍ଥା ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ରହିଛି ବୋଲି ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା। ସୁପ୍ରିମକୋର୍ଟଙ୍କ ୨୦୧୯ ନଭେମ୍ବର ୪ର ନିର୍ଦ୍ଦେଶ ଅନୁପାଳନ ସଂପର୍କିତ ଆଉ ଏକ ସତ୍ୟପାଠ ଦାଖଲ କରିବାକୁ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ୍ ଅରିନ୍ଦମ ସିହ୍ନା ଓ ଜଷ୍ଟିସ୍ ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଇନଜୀବୀ ମୃଣାଳିନୀ ପାଢ଼ୀଙ୍କ ଜନସ୍ୱାର୍ଥ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ, ଦିବ୍ୟାଙ୍ଗ ବିଶେଷ କରି ହ୍ୱିଲ୍‌ଚେୟାର ଉପରେ ନିର୍ଭର କରୁଥିବା ଶ୍ରଦ୍ଧାଳୁଙ୍କ ଶ୍ରୀମନ୍ଦିର ଭିତରେ ପ୍ରବେଶ ପାଇଁ ଆବଶ୍ୟକ ବ୍ୟବସ୍ଥା କରିବାକୁ ଶ୍ରୀଜଗନ୍ନାଥ ମନ୍ଦିର କର୍ତ୍ତୃପକ୍ଷ ଦେଇଥିବା ପ୍ରତିଶ୍ରୁତି କାର୍ଯ୍ୟକାରୀ କରାଯାଉ ବୋଲି ଦର୍ଶାଇ ଏହି ଜନସ୍ୱାର୍ଥ ମାମଲା ହାଇକୋର୍ଟରେ ଦାୟର ହୋଇଛି। ଆବେଦନକାରୀଙ୍କ ତରଫରୁ ଦାୟର ମାମଲାରେ ଏ ନେଇ ଶ୍ରୀଜଗନ୍ନାଥ ମନ୍ଦିର କର୍ତ୍ତୃପକ୍ଷ ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ କରିଥିଲେ। ସୁପ୍ରିମକୋର୍ଟଙ୍କ ୨୦୧୯ ନଭେମ୍ବର ୪ର ନିର୍ଦ୍ଦେଶରେ ଏହି କଥା ଉଲ୍ଲେଖ କରାଯାଇଥିଲା। ସେତେବେଳେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ କହିଥିଲା ଯେ ଦିବ୍ୟାଙ୍ଗଙ୍କ ଶ୍ରୀମନ୍ଦିର ପ୍ରବେଶ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଛି। କିନ୍ତୁ ଏ ପର୍ଯ୍ୟନ୍ତ ଦିବ୍ୟାଙ୍ଗଙ୍କ ପାଇଁ ଏପରି କିଛି ବ୍ୟବସ୍ଥା କରାଯାଇ ନାହିଁ। ଏହି ପ୍ରସଙ୍ଗରେ ଶ୍ରୀଜଗନ୍ନାଥ ମନ୍ଦିର ମୁଖ୍ୟ ପ୍ରଶାସକ ଜବାବ ରଖିବା ଆବଶ୍ୟକ ବୋଲି ହାଇକୋର୍ଟ କହିବା ସହିତ ଗତ ଜାନୁଆରି ୨୨ରେ ନୋଟିସ୍ ଜାରି କରିଥିଲେ। ମାମଲାରେ ରାଜ୍ୟ ସରକାର, ଶ୍ରୀଜଗନ୍ନାଥ ମନ୍ଦିର ମୁଖ୍ୟ ପ୍ରଶାସକ, ପୁରୀ ଜିଲ୍ଲାପାଳ ପ୍ରମୁଖଙ୍କୁ ପକ୍ଷଭୁକ୍ତ କରାଯାଇଛି।

# ଆଇ.ଆର.ବି କନେଷ୍ଟବଳ ନିଯୁକ୍ତିରେ ରୋକ୍ ଲଗାଇଲେ ହାଇକୋର୍ଟ

କଟକ (ଭିଓଭି): ବୟସ ଯୋଗ୍ୟତା ଦୃଷ୍ଟିରୁ ଓଡିଶାରେ ଇଣ୍ଡିଆ ରିଜର୍ଭ ବାଟାଲିୟନ (ଆଇଆରବି) କନଷ୍ଟେବଳ ନିଯୁକ୍ତି ଉପରେ ଓଡ଼ିଶା ହାଇକୋର୍ଟ ରୋକ ଲଗାଇଛନ୍ତି। ଯେଉଁ ଆବେଦନକାରୀମାନଙ୍କୁ ପୂର୍ବରୁ 'ବୟସ୍କ' ବୋଲି ବିବେଚନା କରାଯାଉଥିଲା, ସେମାନେ ଦାବି କରିଥିଲେ ଯେ, ସେମାନଙ୍କୁ ଅନ୍ୟାୟ ଭାବରେ ବିଚାରରୁ ବାଦ ଦିଆଯାଇଛି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ୨୦ ମାର୍ଚ୍ଚ, ୨୦୨୫ରେ ହେବ ବୋଲି ଧାର୍ଯ୍ୟ କରାଯାଇଛି। ବୟସ ଯୋଗ୍ୟତା ସହିତ ଜଡିତ ଅଗ୍ରାଧିକାର ଅଭିଯୋଗ ପରେ ନିଯୁକ୍ତି ବନ୍ଦ ହୋଇଯାଇଛି ବୋଲି ସରକାରୀ ସୂତ୍ରରୁ ଜଣାପଡିଛି। ହାଇକୋର୍ଟର ଏକକ ଖଣ୍ଡପୀଠଙ୍କ ପୂର୍ବ ନିର୍ଦ୍ଦେଶନାମା ଅନୁଯାୟୀ ଏହି ପ୍ରାର୍ଥୀମାନଙ୍କୁ ସୁଯୋଗ ଯୋଗାଇ ଦିଆଯିବ।




ହାଇକୋର୍ଟଙ୍କ ନିର୍ଦ୍ଦେଶ ପାଳନ କରି ଏହି 'ଅଧିକ ବୟସ୍କ' ପ୍ରାର୍ଥୀମାନଙ୍କ ପାଇଁ ପରୀକ୍ଷା କରାଯାଇଥିଲା। ତଥାପି, ଏହି ପରୀକ୍ଷାର ଫଳାଫଳ ଏପର୍ଯ୍ୟନ୍ତ ଘୋଷଣା କରାଯାଇ ନାହିଁ। ଉଲ୍ଲେଖଯୋଗ୍ୟ, ବିଜ୍ଞପ୍ତି ପୂର୍ବରୁ ଛଅ ବର୍ଷ ଧରି ଆଇଆରବି କନଷ୍ଟେବଳ ପଦବୀ ପାଇଁ ନିଯୁକ୍ତି ପ୍ରକାଶ କରାଯାଇ ନଥିଲା। ତେଣୁ, ବୟସ କାରଣରୁ ଅନେକ ଚାକିରି ଆଶାୟୀ ପଦବୀ ପାଇଁ ଆବେଦନ କରିବାର ସୁଯୋଗ ପାଇ ନଥିଲେ। ସେମାନେ ଏହି ମାମଲାରେ ହାଇକୋର୍ଟର ହସ୍ତକ୍ଷେପ ଲୋଡ଼ିଥିଲେ ଏବଂ ସେମାନଙ୍କୁ ବୟସ-ଛାଡ଼ ଦେବା ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଜାରି କରିବାକୁ କୋର୍ଟଙ୍କୁ ଆବେଦନ କରିଥିଲେ।

# ଟ୍ରମ୍ପଙ୍କ ଘୋଷଣାକୁ ୩ ସପ୍ତାହ ପୂରିଲା
## ୨୬/୧୧ ହମଲାର ଅଭିଯୁକ୍ତଙ୍କୁ ଭାରତ ପଠାଇବ ତ ଆମେରିକା

ନୂଆଦିଲ୍ଲୀ (ଭିଓଭି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକା ଯାଇଥିବା ବେଳେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବଡ଼ ଘୋଷଣା କରିଥିଲେ। ଟ୍ରମ୍ପ କହିଥିଲେ ଯେ ତାଙ୍କ ପ୍ରଶାସନ ମୁମ୍ବାଇ ୨୬/୧୧ ହମଲାର ଅଭିଯୁକ୍ତ ତଥା ପାକିସ୍ତାନ ନାଗରିକ ତହବୁର ରାଣାକୁ ଭାରତ ପ୍ରତ୍ୟର୍ପଣ କରିବାକୁ ଅନୁମତି ଦେଇ ସାରିଛି। ଏହି ଘୋଷଣାକୁ ୩ ସପ୍ତାହ ବିତି ଯାଇଥିଲେ ହେଁ ରାଣା କେବେ ଭାରତ ଆସିବ, ତା'ର ସୂଚନା କାହା ପାଖରେ ନାହିଁ। ଏସବୁ ଭିତରେ ରାଣା ପ୍ରତ୍ୟର୍ପଣରୁ ବର୍ତ୍ତିବା ପାଇଁ ଶେଷ ବିକଳ୍ପର ବ୍ୟବହାର କରିଛି। ପ୍ରତ୍ୟର୍ପଣ ଉପରେ ରୋକ ଲଗାଇବା ପାଇଁ ସେ ଆମେରିକା ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇ ମୁମ୍ବାଇ ଆତଙ୍କୀ ହମଲାର ଅଭିଯୁକ୍ତ ତହବୁର ରାଣା ତତ୍କାଳ ପ୍ରତ୍ୟର୍ପଣ ନିଷ୍ପତ୍ତି ଉପରେ ରୋକ ଲଗାଇବାକୁ ଦାବି କରିଛି। ସେ ତା'ର ଆବେଦନରେ କହିଛି ଯେ ଭାରତରେ ତା'କୁ ଭୟଙ୍କର ନିର୍ଯାତନା ଦିଆଯିବାର ଆଶଙ୍କା ରହିଛି। ସେ ପାକିସ୍ତାନୀ ମୁସଲିମ ହୋଇଥିବାରୁ ନିର୍ଯାତନା ଦିଆଯିବାର ଆଶଙ୍କା ଅଧିକ। ଲସ ଆଞ୍ଜେଲସ ଜେଲରେ ଥିବା ୬୩ ବର୍ଷୀୟ ରାଣା କହିଛି ଯେ ସେ ଏବେ ଏକାଧିକ ରୋଗରେ ପୀଡ଼ିତ। ତା'ର ହୃଦରୋଗ ଥିବା ବେଳେ ପାର୍କିସନ ସମସ୍ୟା ରହିଛି। ସେ ବ୍ଲାଡର କର୍କଟରେ ମଧ୍ୟ ଆକ୍ରାନ୍ତ ହୋଇପାରେ। ସେ ସମ୍ଭବତଃ ଭାରତରେ ଶୁଣାଣିରେ ସମ୍ମୁଖୀନ ହେବାକୁ ଜୀବିତ ରହି ପାରିବ ନାହିଁ। ଭାରତରେ ରାଣାକୁ ତା'ର ନାଗରିକତା, ଧର୍ମ ଆଧାରରେ ଟାର୍ଗେଟ କରାଯାଇ ପାରେ ବୋଲି ଆବେଦନର ଦର୍ଶାଯାଇଛି। ଆମେରିକାର ସୁପ୍ରିମକୋର୍ଟ ଏହାକୁ ଶୁଣାଣି ପାଇଁ ଗ୍ରହଣ କରିଛନ୍ତି। କିନ୍ତୁ କେବେ ଏହାର ଶୁଣାଣି ହେବ, ସେକଥା କହି ନାହାନ୍ତି। ଯେହେତୁ ରାଣା ଆବେଦନ କରିଛି, ତେଣୁ ତା'ର ପ୍ରତ୍ୟର୍ପଣ ବିଳମ୍ବ ହେବ। ଏପରି ସ୍ଥିତିରେ ରାଣାକୁ କାଉଣ୍ଟର କରିବା ପାଇଁ ଟ୍ରମ୍ପ ସରକାର କ'ଣ ଯୁକ୍ତି ଉପସ୍ଥାପନ କରୁଛି, ତା' ଉପରେ ମଧ୍ୟ ନଜର ରହିବ।

# ସରକାରୀ ଚାକିରି କରୁଥିବା ସ୍ୱାମୀ, ସ୍ତ୍ରୀ ଓ ପିଲାମାନଙ୍କ ଭରଣ ପୋଷଣ କରିବା ପାଇଁ ବାଧ୍ୟ : ଓଡ଼ିଶା ହାଇକୋର୍ଟ

କଟକ, (ଭିଓଭି): ଓଡ଼ିଶା ହାଇକୋର୍ଟ ମନ୍ତବ୍ୟ ଦେଇଛନ୍ତି ଯେ ସରକାରୀ ଚାକିରି କରୁଥିବା ଜଣେ ସକ୍ଷମ ସ୍ୱାମୀଙ୍କୁ ତାଙ୍କ ସ୍ତ୍ରୀ ଏବଂ ପିଲାମାନଙ୍କର ଭରଣପୋଷଣ କରିବା ଆଇନଗତ ଭାବରେ ବାଧ୍ୟତାମୂଳକ। ଏପରିକି ସେମାନଙ୍କ ମଧ୍ୟରେ କୌଣସି ବୈବାହିକ କିମ୍ବା ଅନ୍ୟାନ୍ୟ ମତଭେଦ ଥିଲେ ମଧ୍ୟ। ଭରଣପୋଷଣ ଆଦେଶର ଚ୍ୟାଲେଞ୍ଜକର ନିଷ୍ପତ୍ତି ନେବା ସମୟରେ, ଜଷ୍ଟିସ ଗୌରୀଶଙ୍କର ଶତପଥୀଙ୍କ ଏକକ ଖଣ୍ଡପୀଠ ମତ ଦେଇଥିଲେ -"...ତଥ୍ୟ ରହିଛି ଯେ ବୈବାହିକ ସମ୍ପର୍କକୁ କୌଣସି ଅଦାଲତଙ୍କ ଦ୍ୱାରା ବିଚ୍ଛେଦ ହୋଇ ନ ଥିବାରୁ, ସ୍ୱାମୀ ଜଣେ ସକ୍ଷମ ବ୍ୟକ୍ତି ହୋଇ ସରକାରୀ ଚାକିରିରେ କାର୍ଯ୍ୟରତ ଥିବାରୁ ତାଙ୍କ ସ୍ତ୍ରୀ ଏବଂ ପିଲାମାନଙ୍କର ଭରଣପୋଷଣ କରିବା ଆଇନଗତ ଭାବରେ ବାଧ୍ୟତାମୂଳକ, ଏପରିକି ପକ୍ଷମାନଙ୍କ ମଧ୍ୟରେ ମତଭେଦ ଥିଲେ ମଧ୍ୟ। ଏହି ସଂଶୋଧନ ଆବେଦନ



ଆବେଦନକାରୀ-ସ୍ୱାମୀଙ୍କୁ ପରିବାର ଅଦାଲତ, ଖୋର୍ଦ୍ଧାର ବିଚାରପତିଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଆଦେଶକୁ ଚ୍ୟାଲେଞ୍ଜ କରି ଦାୟର କରାଯାଇଥିଲା, ଯେଉଁଠାରେ ତାଙ୍କୁ ଧାରା ୧୨୫, ଉକ୍ତଚଉ ଅନୁଯାୟୀ ଆବେଦନ ଦାଖଲ କରିବାର ତାରିଖରୁ ପ୍ରତିପକ୍ଷ ପକ୍ଷ-ସ୍ତ୍ରୀଙ୍କୁ ପ୍ରତି ମାସରେ ୫,୦୦୦ ଟଙ୍କା ଏବଂ ପ୍ରତିପକ୍ଷ ପକ୍ଷ-ପୁତ୍ରଙ୍କୁ ପ୍ରତି ମାସରେ ୩,୦୦୦ ଟଙ୍କା ସେମାନଙ୍କ ଭରଣପୋଷଣ ପାଇଁ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଆବେଦନକାରୀ-ସ୍ୱାମୀଙ୍କ ପକ୍ଷରୁ ଏହା କୁହାଯାଇଥିଲା ଯେ ଯଦିଓ ସେ ପତ୍ନୀଙ୍କୁ ବୈବାହିକ ଗୃହକୁ ଫେରାଇ ନେବାକୁ ଇଚ୍ଛୁକ, କିନ୍ତୁ ସେ ତାଙ୍କ ସହ ଯୋଗଦେବାକୁ ଅନିଚ୍ଛୁକ ଏବଂ ପ୍ରକୃତରେ, ତାଙ୍କ ବିରୁଦ୍ଧରେ କୌଣସି ନିଷ୍ଠୁରତାର ଅଭିଯୋଗ ନାହିଁ। ଯୁକ୍ତି ଦିଆଯାଇଥିଲା ଯେ ଟ୍ରାଏଲ୍ କୋର୍ଟ, କୌଣସି ପର୍ଯ୍ୟାପ୍ତ କାରଣ ବିନା ପତ୍ନୀ ତାଙ୍କ ସହିତ ରହିବାକୁ ମନା କରିଥିବା ସତ୍ୟକୁ ଧ୍ୟାନ ନ ଦେଇ, ଏହି ଆଦେଶ ପ୍ରଦାନ କରିଛନ୍ତି। ବିପରୀତ ପକ୍ଷ-ସ୍ତ୍ରୀଙ୍କ ପକ୍ଷରୁ ଏହା ଦାଖଲ କରାଯାଇଥିଲା ଯେ ଯଦିଓ ସ୍ୱାମୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ଛାଡପତ୍ର ପାଇଁ ଆବେଦନକୁ ଟ୍ରାଏଲ୍ କୋର୍ଟ ଦ୍ୱାରା ଅନୁମତି ଦିଆଯାଇ ନଥିଲା ଏବଂ ଏହାକୁ ହାଇକୋର୍ଟ ଏବଂ ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ନିଶ୍ଚିତ କରାଯାଇଥିଲା, ତଥାପି ସେ କେବଳ ତାଙ୍କୁ ହଇରାଣ କରିବା ପାଇଁ ଏହି ସଂଶୋଧନ ଆବେଦନ କରିଥିଲେ ଏବଂ ତେଣୁ, ସଂଶୋଧନ ଆବେଦନ ଖାରଜ ହେବାର ସମ୍ଭାବନା ରହିଛି।


## TARIFF

| | | |
|---|---|---|
| Full Page | Colour | -15000 |
| Full Page | B/W | - 10000 |
| Half Page | Colour | -10000 |
| Half Page | B/W | - 6000 |
| Quarter Page | Colour | - 5000 |
| Quarter Page | B/W | - 3000 |

## CONTACT

6371417361 voiceofvictimsnews@gmail.com
www.voiceofvictims.co.in
Follow/Like/Subscribe :
Voice Of Victims News


Printed by **Gyana Ranjan Mishra** and published by **Gyana Ranjan Mishra** on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006
**Editor: Gyana Ranjan Mishra** ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର